

୧୧/୨/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୮,୦୦,୩୧୪/- ସୁନା: ୦୩.୫୫୦ ଗ୍ରାମ୍ ରୁପା: ୩୫.୨୫୦ ଗ୍ରାମ୍



## ମାଉସୀ ମା' ମନ୍ଦିରର ବିକାଶ ପାଇଁ ଆହ୍ୱାନ

# ଶ୍ରୀଜଗନ୍ନାଥ ସଂସ୍କୃତିରେ ମାଉସୀ ମା'



**ପୁରୀ, ୧୧।୨(ସମିସ)**

ସେ ଯୋଗମାୟା। ତାଙ୍କ ଆହ୍ୱାନରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଜନ୍ମ। ସେହି ନ୍ୟାୟରେ ସୁଭଦ୍ରା ହେଉଛନ୍ତି ଯୋଗମାୟା। ଶ୍ରୀଜଗନ୍ନାଥଙ୍କ ମାଆ ଓ ବଡ଼ଦାଣ୍ଡର ବଳଗଣ୍ଡିସ୍ଥ ସୁଭଦ୍ରା ରୂପୀ ଅର୍ଦ୍ଧାଶିନୀ ବା ଅର୍ଦ୍ଧଶୋଷଣୀ ହେଉଛନ୍ତି ଜଗନ୍ନାଥଙ୍କ ମାଉସୀ ମାଆ। ଅନ୍ୟ ଏକ ଲୋକକଥାରେ ତ୍ରେତୟାର କୈକେୟୀ ହେଉଛନ୍ତି ପରବର୍ତ୍ତୀ ଦ୍ୱାପର ଯୁଗରେ ଯଶୋଦା, ଯିଏ କଳିଯୁଗରେ ମାଉସୀ ମାଆ ଭାବେ ପୂଜିତା। ଏପରି ଅନେକ ଆଲୋଚନା ଭିତରେ ଶ୍ରୀମନ୍ଦିର ପ୍ରଶାସନ ଓ ସରକାର ଏହି ଐତିହ୍ୟ ପୀଠ ମାଉସୀ ମାଆ ମନ୍ଦିରର ବିକାଶ ଏବଂ ଏହି ସ୍ଥାନର ସମ୍ପ୍ରସାରଣ ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଛି। ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ନିର୍ମାଲ୍ୟ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଏବଂ ଭଏସ୍ ଅଫ୍ କମନମ୍ୟାନ ସହଭାଗିତାରେ ରବିବାର ହୋଟେଲ ହଲିଡେ ରିସୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ମାଦଳାପାଞ୍ଜି, ସ୍କନ୍ଦ ପୁରାଣ, ବାମଦେବ ସଂହିତା, ଦେବୀ ଭାଗବତ, ଦେଉଳତୋଳା, ଇନ୍ଦ୍ର ନୀଳମଣି ପୁରାଣ ବିଶେଷତଃ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ମାଉସୀ ମା' ମନ୍ଦିରର ଇତିହାସ, ନିର୍ମାଣ, ସେବା ଓ ସେବକ, ଖେଇ ଓ ବାହୁଡା ଯାତ୍ରାରେ ପୋଡ଼ପିଠା ଭୋଗ ଉପରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ନିର୍ମାଲ୍ୟର ସଭାପତି ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଅଧ୍ୟାପକ ବିଶ୍ୱନାଥ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହନ୍ତ ରାମକୃଷ୍ଣ ଦାସ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ କବି ମଧୁସୂଦନ ଦାସ, ମୁଖ୍ୟବକ୍ତା ଭାବେ ପ୍ରଫେସର ଲଳିତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ରାଜକିଶୋର ପାତ୍ର, ପୂଜାପଣ୍ଡା ନିଯୋଗ ସଭାପତି ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଗବେଷକ ଡ. ଭାସ୍କର ମିଶ୍ର, ଡ. ନରେଶ ଚନ୍ଦ୍ର ଦାଶ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ମାଧବ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ଓ କୋଠସୁଆର ସେବକ ବିଶ୍ୱନାଥ ସାମନ୍ତରା, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ, ଭଏସ୍ ଅଫ୍ କମନମ୍ୟାନର ଆବାହକ ହେକ୍ଟର ମିଶ୍ର, ବିଶିଷ୍ଟ ସମାଜସେବୀ ଚକ୍ରଧର ମହାପାତ୍ର, ଅଧ୍ୟାପିକା ଡ. ସ୍ୱାଗତିକା ମହାନ୍ତି, ବିଶିଷ୍ଟ ସାମ୍ବାଦିକ ମଧୁସୂଦନ ମିଶ୍ର ଓ ଯୁବ ସାମ୍ବାଦିକ ରାଜେଶ ମହାନ୍ତି ପ୍ରମୁଖ ଯୋଗଦେଇ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରେ କୃଷ୍ଣଶିଳାରେ ମାଉସୀ ମାଆଙ୍କ ମନ୍ଦିର ନିର୍ମାଣ ଓ ପରବର୍ତ୍ତୀ ସମୟରେ ରାଜା ଚୋଡ଼ଗଙ୍ଗ ଦେବ, ଅନଙ୍ଗଭୀମ ଦେବ, ରାମଚନ୍ଦ୍ର ଦେବ ଓ ଭାନୁଦେବଙ୍କ ସମୟରେ ମନ୍ଦିରର ପୁନଃ ନିର୍ମାଣ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରଫେସର ଦୁର୍ଗା ପ୍ରସାଦ ଦାସମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗବେଷକ ଓ ଅତିଥିମାନେ ମାଉସୀ ମାଆ ମନ୍ଦିର ପାଇଁ ଦୈନିକ ଖେଇ, ଦୁର୍ଗାପୂଜାରେ ପତନୀ ଓ ଚନ୍ଦନ କିଳା ବ୍ୟବସ୍ଥା, ପୋଡ଼ପିଠା ପାଇଁ ସେବକ ବିଶ୍ୱନାଥ ମିଶ୍ରଙ୍କୁ ଆର୍ଥିକ ଅନୁଦାନ ଓ ଲାଗିପାଟ ପ୍ରଦାନ ଇତ୍ୟାଦି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଏଥିସହ ଏହି ମନ୍ଦିର ମଧ୍ୟରେ ପାତାଳଫୁଟା ମହାଦେବ ପଶୁପତିନାଥଙ୍କ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପୁଷ୍କରା ଚଳଚ୍ଚିତ୍ର ଫେମ୍ ସବ୍ୟସାଚୀ ମିଶ୍ର, ନିର୍ମାଲ୍ୟ ପ୍ରାୟୋଜିତ ତଥା ଗୀତିକାର ଗୁରୁ ଶତପଥୀ ଓ କାର୍ତ୍ତିକ ସାହୁଙ୍କ ନିର୍ଦ୍ଦେଶିତ ସଙ୍ଗୀତ କ୍ୟାସେଟ ଓ ୟୁଟ୍ୟୁବର ଉନ୍ମୋଚନ କରିଥିଲେ। କବିତିଳକ ଆର୍ତ୍ତତ୍ରାଣ ଶତପଥୀଙ୍କ ରଚିତ ନାଟକ ଆଧ୍ୟାତ୍ମିକ ମଞ୍ଚନାଟକ ମାଉସୀ' ମାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।



### ବିଶିଷ୍ଟ ବ୍ୟକ୍ତିଙ୍କୁ 'ନିର୍ମାଲ୍ୟ' ସମ୍ମାନ

ଏହି ପରିପ୍ରେକ୍ଷୀରେ ଇଣ୍ଡୋ-ଜାପାନ ଫ୍ରେଣ୍ଡଶିପ ସେଣ୍ଟର ସଭାପତି ଶ୍ରୀମନ୍ତ ଦାଶ, ଯୁବ ପରିବେଶବିତ୍ ସେଭ୍ କୋଷ୍ଟାଲ ଲାଇଫ୍‌ର ସରୋଜ ଜେନା, ଡାକ୍ତର ସୌମ୍ୟରଞ୍ଜନ ଷଡଙ୍ଗୀ, ଯୁବ ସମାଜସେବୀ ଦୁଷ୍ମନ୍ତ ସାହୁ, ସାମ୍ବାଦିକ ହେମନ୍ତ ନାୟକ, ସାମ୍ବାଦିକ ମାନସ ଦାସ, ଅଭିନେତା ଶିବସୁନ୍ଦର ମିଶ୍ର, ସମାଜସେବୀ ବିଶ୍ୱଜିତ ମହାପାତ୍ର ଓ ଶିବାଶିଷ ମିଶ୍ର, ଶିକ୍ଷାବିତ୍ ଡ. ଚକ୍ରଧର କର, ସଂସ୍କୃତ ନାଟକର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଡ. ଧର୍ମେନ୍ଦ୍ର ସିଂହଦେଓ, ଗବେଷକ ଡ. ମିଳନ ଘଟୁଆରୀ, ଶିକ୍ଷାବିତ୍ ଡ. ଦୟାନନ୍ଦ ପାଣିଗ୍ରାହୀ, ଡ. ପ୍ରିୟରଞ୍ଜନ ରଥ ଓ ଡ. ରୁଦ୍ରପ୍ରସାଦ ମିଶ୍ର ପ୍ରମୁଖଙ୍କୁ ନିର୍ମାଲ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ତଥା ଉଦ୍‌ଘୋଷକ ବିଶ୍ୱନାଥ ମିଶ୍ର ସଞ୍ଚାଳନ କରିଥିବାବେଳେ ପରିଚାଳନା କରିଥିଲେ ନିର୍ମାଲ୍ୟର ସମ୍ପାଦକ ରୁବି ନନ୍ଦ, ସୁଶାନ୍ତ ଶତପଥୀ, ଶ୍ୟାମପ୍ରକାଶ ସେନାପତି ଓ ବିଶ୍ୱନାଥ ମହାପାତ୍ର।

## ମା' ରାମଚଣ୍ଡୀଙ୍କ ପ୍ରତିଷ୍ଠା ଦିବସ

**ପୁରୀ, ୧୧।୨(ସମିସ):** ମାଘ ଶୁକ୍ଳ ଦ୍ୱିତୀୟା ତିଥିରେ ରବିବାର ଦୋଳମଣ୍ଡପ ସାହି ଜେନାରିଗଛ ଛକସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଭୋରୁ ମା'ଙ୍କ ଦ୍ୱାର ଫିଟିବା ପରେ ମଙ୍ଗଳ ଆଳତି, ଅବକାଶ, ମାଜଣା, ବାଲ ଭୋଗ ପରେ ଶଙ୍ଖୁଡି ଭୋଗ କରାଯାଇଥିଲା। ପରେ ରମାକାନ୍ତ ଦାଶ ଚଣ୍ଡୀପାଠ କରିଥିବା ବେଳେ



ଶିବନାରାୟଣ ଦାଶ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ପୂଜକ ସୋମନାଥ ଦାଶ ଓ ପିନାକ ଦାଶ ମାଆଙ୍କୁ ବେଶ କରିବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ରାତିରେ ମା'ଙ୍କୁ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ନୈବେଦ୍ୟ କରାଯିବା ପରେ ଶତାଧିକ ଭକ୍ତଙ୍କୁ ବଣ୍ଟନ କରାଯାଇ ରାତ୍ର ପହୁଡ଼ ହୋଇଥିଲା। ମାଆ ରାମଚଣ୍ଡୀ ଠାକୁରାଣୀ ପରିଚାଳନା କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ସହ ସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ୍ତ ଓ କୋଷାଧ୍ୟକ୍ଷ ରବୀନ୍ଦ୍ର ପଡ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ବହୁ ଭକ୍ତ ସାମିଲ ହୋଇଥିଲେ।

## ଶେଷ ହେଲା 'ଆରମ୍ଭ' ମହୋତ୍ସବ

# କାବେରୀ ଜେନାଙ୍କୁ 'ଶ୍ରୀକ୍ଷେତ୍ର ଲକ୍ଷ୍ମୀ' ସମ୍ମାନ



**ପୁରୀ, ୧୧।୨(ସମିସ):** ଶେଷ ହୋଇଛି ପ୍ରତିଭା ଅନ୍ୱେଷଣର ନିଆରା କାର୍ଯ୍ୟକ୍ରମ 'ଆରମ୍ଭ ମହୋତ୍ସବ'। ତିନିଦିନ ଧରି ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ଏହି ମହୋତ୍ସବ ରବିବାର ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଦ୍‌ଯାପିତ ହୋଇଛି। ପୁରୀ ସଦର ବ୍ଲକର ୩୦ଟି ପଞ୍ଚାୟତରେ ମହିଳାଙ୍କୁ ନେଇ ହୋଇଥିବା ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ବାଜି ମାରିଛନ୍ତି ଗଡ଼ମୃଗଶିରାର କାବେରୀ ଜେନା।

ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବର ମୁଖ୍ୟ ଆକର୍ଷଣ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ସମ୍ମାନ ଜିତିଛନ୍ତି କାବେରୀ। ଏଥିସହ ସହିଦ ଦେବାଶିଷ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ତାଙ୍କ ପରିବାରକୁ 'ସହିଦ ସମ୍ମାନ' ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲଙ୍କୁ 'ସଂସ୍କୃତି ସମ୍ମାନ'ରେ ସମ୍ମାନିତ କରାଯାଇଛି।

ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ମୁଖପାତ୍ର ସଞ୍ଜୟ ଦାସବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଶୁଚିସ୍ମିତା ପୃଷ୍ଟି, ପ୍ରଦ୍ୟୁମ୍ନ ମିଶ୍ର, ନିଶାମଣି ସାହୁ, ଗୌରୀଶଙ୍କର ସିଂହାରୀ, ମଧୁସୂଦନ ସିଂହାରୀ, ଷ୍ଟାଲିନ ମିଶ୍ର, ନାରାୟଣ ସିଂହ, ଭବାନୀଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଏଭଳି ନିଆରା କାର୍ଯ୍ୟକ୍ରମ ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଆକର୍ଷଣ ସାଜିଥିଲେ ଓଡିଆ ଝିଅ ତଥା ଇଣ୍ଡିଆନ ଆଇଡଲ ଜୁନିୟର ଫେମ୍ ଅନନ୍ୟା ଶ୍ରୀତମ ନନ୍ଦ। ଏକାଧିକ ହିନ୍ଦୀ ଓ ଓଡିଆ ଗୀତ ଗାଇ ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଥିଲେ। ସେହିପରି ଅନ୍ୟ କଣ୍ଠଶିଳ୍ପୀମାନେ ମଧ୍ୟ ଆକର୍ଷଣୀୟ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କ ମନକୁ ଛୁଇଁଥିଲେ। ଏହି ଅବସରରେ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ରଚିତ ଚଳଚ୍ଚିତ୍ର 'ନବକଳେବର'ର ପ୍ରମୋସନ ଶୋ' ପ୍ରଦର୍ଶିତ ହୋଇଥିଲା।

### ଅନନ୍ୟାଙ୍କ ଗୀତରେ ଝୁମିଲେ ଶ୍ରୋତା

ଏହାବ୍ୟତୀତ ୧୧ଟି ପଞ୍ଚାୟତରୁ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଆରମ୍ଭର ସଭାପତି ଗୋପାଳଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ଉପସଭାପତି ସମୀର ଶତପଥୀ, ସାଧାରଣ ସମ୍ପାଦକ ଦେବାଶିଷ ସିଂହ, ଉପଦେଷ୍ଟା ଭରତ କୁମାର ନାୟକ ଓ ଅବିନାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପିୟୁଷ ପଟ୍ଟନାୟକ ଓ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗଣେଶ୍ୱର ଦାଶ, ସୌମ୍ୟରଞ୍ଜନ ମିଶ୍ର, ରାକେଶ ଜେନା, ପ୍ରଭୁପାଦ ମହାପାତ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ରମାକାନ୍ତ ସାହୁ ପ୍ରମୁଖ ରିଚାଳନା କରିଥିଲେ।

## ସାହା କଲେଜ ଇକୋ କ୍ଲବ୍ ଗଠନ ଓ ବୃକ୍ଷରୋପଣ




**ପୁରୀ, ୧୧।୨(ସମିସ):** ପୁରୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହାପିନେସ୍ ଫାଉଣ୍ଡେସନ ତରଫରୁ ସୁରଜମଲ ସାହା ମହାବିଦ୍ୟାଳୟ ପରିସରରେ 'ସେବା ପରମ ଧର୍ମ ଇକୋ କ୍ଲବ୍ ଓ ଷ୍ଟୁଡେଣ୍ଟ୍ ୟୁଥ୍ କ୍ଲବ୍' ଗଠନ କରାଯାଇ ବୃକ୍ଷରୋପଣ କରାଯାଇଛି। ଏହି କ୍ଲବ୍‌ରେ କଲେଜ୍‌ର ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଡ଼ି ହୋଇଛନ୍ତି। ଏଥିରେ ବଉଳ, କଦମ୍ବ ଓ ବାଦାମ ଆଦି ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ, ଅଧ୍ୟାପକ ଦୀପ୍ତି ପ୍ରସାଦ ମହାନ୍ତି, ଅଧ୍ୟାପିକା ଅନ୍ନପୂର୍ଣ୍ଣା ଦାସ ବୃକ୍ଷରୋପଣ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ହାପିନେସ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସଭାପତି ଇଂ ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ଏବଂ ଅନୁଷ୍ଠାନର ସଂଯୋଜକ ସିଦ୍ଧେଶ୍ୱର ମିଶ୍ର, ବିଜୟ କୁମାର ଉପାଧ୍ୟାୟ ଓ ସଂଯୋଜିକା ଜ୍ୟୋତିର୍ମୟୀ ଦାଶ ଓ ମାମିନା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁରୀ ମ୍ୟାଜିକ ଫେଷ୍ଟିଭାଲ

**ପୁରୀ, ୧୧।୨(ସମିସ):** ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାର ପୁରୀ ମ୍ୟାଜିକ ଆସୋସିଏଶନ ପକ୍ଷରୁ ପୁରୀ ମ୍ୟାଜିକ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ହରିହର ହୋତା ଓ ଟାଉନ ଥାନାଧିକାରୀ ସୁନୀଲ ପ୍ରଧାନ ଯୋଗଦେଇଥିଲେ। ଯାଦୁକଳା ଓ ଯାଦୁଗରଙ୍କୁ ସ୍ୱୀକୃତି ସହ ଏହି କଳାର ପ୍ରଚାର, ପ୍ରସାର, ଭାବ ବିନିମୟ ତଥା ପରସ୍ପରଠାରୁ ନୂଆ ନୂଆ ଯାଦୁକଳା କୌଶଳ ଶିଖିବା ଲକ୍ଷ୍ୟରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନ ତଥା ରାଜ୍ୟ ବାହାରୁ ଆସିଥିବା ଯାଦୁଗରଙ୍କୁ ନେଇ ପ୍ରତିଯୋଗିତା ସହ କର୍ମଶାଳାର ହୋଇଥିଲା। ଯାଦୁଗରମାନେ ନିଜ ନିଜର ଯାଦୁକଳା ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଥିଲେ। ରାଜ୍ୟର ସମସ୍ତ ଯାଦୁଗରଙ୍କୁ ଏକାଠି କରିବା ସହ ସେମାନଙ୍କ ସ୍ୱୀକୃତି ଓ ସାମାଜିକ ସୁରକ୍ଷା ପାଇଁ ସରକାରଙ୍କ ନିକଟରେ ଦାବି ରଖାଯାଇଛି। ଏଥିରେ ରାଜ୍ୟ ତଥା ଦେଶର ୧୬୩ ଜଣ ସ୍ୱନାମଧନ୍ୟ ଯାଦୁଗର ଯୋଗଦେଇଥିଲେ।

## ପ୍ରଥମ ପୁରୀ ସାହିତ୍ୟ ଉତ୍ସବ ଉଦ୍‌ଯାପିତ




**ପୁରୀ, ୧୧।୨(ସମସ):** ପୁରୀ ସଂସ୍କୃତି ଭବନ ସଭାକକ୍ଷରେ ଅନାମ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଦୁଇ ଦୁନିଆ ପ୍ରଥମ ପୁରୀ ସାହିତ୍ୟ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ତଥା ତରୁଣ ସାହିତ୍ୟିକ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନର ବିଷୟ ଥିଲା ଗଣିତ ଏବଂ ଭୟ। ଏଥିରେ ବିଶିଷ୍ଟ ଗଣିତଜ୍ଞ ନାରାୟଣ ଦାଶ ଓ ପ୍ରକାଶ ଦାଶ ନିଜର ବକ୍ତବ୍ୟ ରଖିଥିଲେ। ଆଲୋଚନାରେ ସଂଯୋଜନା କରିଥିଲେ କବି ରଶ୍ମି ମହାପାତ୍ର। ପରେ ସରୋଜ ବଳଙ୍କ ଅଧ୍ୟକ୍ଷତାରେ ଦାସ ଜଣ ତରୁଣ ପିଢୀର କବିଙ୍କ ସହ ଭାବ ବିନିମୟ ହୋଇଥିଲା। ତରୁଣ କବି ଓ କବୟିତ୍ରୀ ଗଣ ନିଜର କବିତା ପାଠ କରିବା ସହିତ ନିଜର ସାହିତ୍ୟିକ ବିଚାର ବ୍ୟାଖ୍ୟା କରିଥିଲେ। ପରେ ନୃତ୍ୟ ଶିଳ୍ପୀ ଶକ୍ତି ସମ୍ପର୍ଣ୍ଣା ପରିଡ଼ା ଓଡିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଏହି ଅବସରରେ ପାଞ୍ଚଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ଲେଖିକା ବନଜ ଦେବୀ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବ ସଚିବ ତଥା ଗାଳ୍ପିକା ଜୟନ୍ତୀ ରଥ, କଳାତ୍ମକ ଚଳଚ୍ଚିତ୍ର ପ୍ରଯୋଜିକା ତଥା ବିଶିଷ୍ଟ ସିନେ ନିର୍ଦ୍ଦେଶକ ନିରଦ ମହାପାତ୍ରଙ୍କ ଧର୍ମପତ୍ନୀ ସବିତା ମହାନ୍ତି। ଅର୍ଜ୍ଜୁନ ପୁରସ୍କାର ବିଜୟିନୀ ଶ୍ରୀମତୀ ମିନତୀ ମହାପାତ୍ର ଏବଂ ନୃତ୍ୟାଙ୍ଗନା ଶକ୍ତି ସମ୍ପର୍ଣ୍ଣା ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ସାମାଜିକ ଗଣ ମାଧ୍ୟମ ଓ ସାହିତ୍ୟ ଶୀର୍ଷକ ଆଲୋଚନାରେ ଭାଗ ନେଇଥିଲେ ସ୍ୱରାଜ ମିଶ୍ର, ପରେଶ ପଟ୍ଟନାୟକ ଓ ମନୁ ଦାଶ। ଓଡିଶୀ ଚିତ୍ର ଓ ଭବିଷ୍ୟତ ଶୀର୍ଷକ ଆଲୋଚନାରେ ଭାଗ ନେଇଥିଲେ ପ୍ରଶାସକ ମଧୁ ସୁଦନ ଦାସ, ଦେବୀ ପ୍ରସାଦ ନନ୍ଦ, ପିକେ ସାମନ୍ତରାୟ। ଆଲୋଚନାକୁ ସଞ୍ଚାଳନ କରିଥିଲେ ଅବସରପ୍ରାପ୍ତ ପ୍ରଶାସକ ତଥା ଲେଖକ ଜଗନ୍ନାଥ ମହାନ୍ତି। ଶେଷରେ କବି ଚିନ୍ମୟ ଶଙ୍କର ଓ କବି ପବିତ୍ର ମୋହନ ଦାଶଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀର ବହୁ ପ୍ରତିଷ୍ଠିତ ଓ ନବାଗତ କବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ୟାମ ପ୍ରକାଶ ସେନାପତି। ଶେଷରେ ଉତ୍ସବର ନିର୍ଦ୍ଦେଶକ ମନୁ ଦାସ ପୁରୀରେ ଏହି ଉତ୍ସବ ପ୍ରତିବର୍ଷ ପାଳିତ ହେବ ଏବଂ ଏହାକୁ ଆହୁରି ବର୍ଣ୍ଣାଢ୍ୟ କରାଯିବ ଘୋଷଣା କରିଥିଲେ।

## ବୁଡ଼ିଯାଉଥିବା ପର୍ଯ୍ୟଟକ ଉଦ୍ଧାର

**ପୁରୀ, ୧୧।୨(ସମିସ):** ପୁରୀ ସମୁଦ୍ରରେ ସ୍ନାନ କରୁଥିବା ବେଳେ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ଅନେକ ସମୟରେ ପର୍ଯ୍ୟଟକ ମୃତାହତ ହେଉଛନ୍ତି। ଗତ ତିନିଦିନରେ ଏକାଧିକ ପର୍ଯ୍ୟଟକ ବୁଡିଯାଉଥିବା ବେଳେ ଉଦ୍ଧାର ହୋଇଥିବା ବେଳେ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ରବିବାର ମଧ୍ୟ ଜଣେ ପର୍ଯ୍ୟଟକ ବୁଡ଼ିଯାଉଥିବା ବେଳେ ତାଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ପର୍ଯ୍ୟଟକ ହେଲେ ପଶ୍ଚିମବଙ୍ଗର ସ୍ୟାଣ୍ଡି ଶର୍ମା। ସେ ଅପରାହ୍ନ ୩ଟାରେ ୧୧ ନମ୍ବର ସେକ୍ଟରରେ ସମ୍ପର୍କୀୟଙ୍କ ସହ ଗାଧୋଉଥିଲେ। ହଠାତ୍ ଏକ ବଡ଼ ଲହଡି ମାଡ଼ରେ ସେ ଆହତ ହୋଇ ଭିତରକୁ ଟାଣି ହୋଇଯାଇଥିଲେ। ସମ୍ପର୍କୀୟମାନେ ଉଦ୍ଧାର କରିବା ଲାଗି ପାଟି କରିବାରୁ ସେଠାରେ ମୁତୟନ ଥିବା ଲାଇଫ୍‌ଗାର୍ଡ ଭିତରକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସୂଚନାଥାଉ କି, ଶନିବାର ୧୧ ନମ୍ବର ସେକ୍ଟରରେ ଗାଧୋଉଥିବା ବେଳେ ବୁଡ଼ିଯାଇ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲାର ବ୍ରଜେନ୍ଦ୍ର ରାୟ (୪୫)ଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗତ ଶୁକ୍ରବାର ୪ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ ଲାଇଫ୍‌ଗାର୍ଡ। ସେମାନେ ହେଲେ ଝାଡ଼ଖଣ୍ଡ ଜାମ୍‌ସେଦପୁରର ଭିକି କୁମାର (୨୮), ପଶ୍ଚିମବଙ୍ଗ ପୂର୍ବ ମେଦିନିପୁରର ରିଶଭ ଶାହା (୨୯), ବର୍ଦ୍ଧମାନ ଜିଲ୍ଲାର ଅମିତ ମଣ୍ଡଳ (୩୨) ଏବଂ ହାୱଡାର ସୌରଭ ପାତ୍ର (୩୦)।

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କହ୍ନେଇଲାଲ ପାତ୍ର

(ବିଶିଷ୍ଟ ସମାଜସେବୀ ଓ ବ୍ୟବସାୟୀ)

ପାଲବଣୀ, ବାରିପଦା, ମୟୂରଭଞ୍ଜ

◆ ଆବିର୍ଭାବ: ୦୨.୧୦.୧୯୪୨ ◆ ତିରୋଧାନ: ୧୨.୦୨.୨୦୨୩

ଆପଣଙ୍କ ବିୟୋଗରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା କେବେ ବି ଭୁଲି ପାରିବୁ ନାହିଁ। ଯେଉଁଠି ଥାଅ ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପତ୍ନୀ-ଆରତୀ, ବଡପୁଅ-ବଡବୋହୂ: ଦେବାଶିଷ ଓ ଜ୍ୟୋତିର୍ମୟୀ, ସାନପୁଅ-ସାନବୋହୂ: ଆଶିଷ ଓ ଅଳକା, ପୁତୁରା-ପୁତୁରା ବୋହୂ: ଚନ୍ଦନ ଓ ଶିବାନୀ, ନାତି ଓ ନାତୁଣୀ: ନିଲ୍, ନିଷ୍ଠା, ମିଷ୍ଟି, ଅଭି ଓ ଆୟୁଷ ଏବଂ ପାତ୍ର ପରିବାର ଓ ଆତ୍ମୀୟସ୍ୱଜନ।

ANIMESH FOOD PRODUCTS
ANIMESH INDIAN SNACKS The ultimate name of Quality
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com




Contact: 8895052838 / 8596070800

## ଘର ଝରକା ଭାଙ୍ଗି ଟଙ୍କା ଓ ଅଳଙ୍କାର ଲୁଟ୍

**ଚାରିଛକ, ୧୧।୨(ସମିସ):** ଚାରିଛକ ଥାନା ଅନ୍ତର୍ଗତ ସାନହୁଲି ଦାଶସାହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଦୁର୍ବୃତ୍ତମାନେ ଘର ଝରକା ଭାଙ୍ଗି ଆଲମାରୀରେ ଥିବା ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସମେତ ରୂପା ଅଳଙ୍କାର ଦରକାରୀ କାଗଜପତ୍ର ଚୋରି ହୋଇଥିବା ନେଇ ଘରମାଲିକ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣାଯାଇଛି ଯେ ଉକ୍ତ ଗ୍ରାମର ଗୌରାଙ୍ଗ ସାହୁ ଗତ ମଙ୍ଗଳବାର ଠାରୁ ସହ ପରିବାର ବ୍ୟବସାୟ ପାଇଁ ବାହାରକୁ ଯାଇଥିଲେ। ସେ ତାଙ୍କ ଘରେ ଆଲମାରୀରେ ୪ଲକ୍ଷ ୫୦ହଜାର ଟଙ୍କା, ରୂପା ପାଉଜି ୨ଟା ସମେତ କେତେକ ଦରକାରୀ କାଗଜପତ୍ର ରଖିଥିଲେ। ଗତ ଶନିବାର ସନ୍ଧ୍ୟାରେ ଘରକୁ ଫେରିବା କେହି ଦୁର୍ବୃତ୍ତ ତାଙ୍କ ଘରର ଝରକା ଭାଙ୍ଗି ସେହି ବାଟଦେଇ ଘରେ ପଶି ଆଲମାରୀ ତାଲା ଭାଙ୍ଗି ଟଙ୍କା ଓ ଅଳଙ୍କାର ଓ ଅନେକ ଦରକାରୀ କାଗଜପତ୍ର ଚୋରିକରି ନେଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଗୌରାଙ୍ଗ ଚାରିଛକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ଛାନଭିନ୍ ଆରମ୍ଭ କରିଛି। ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ପହଞ୍ଚି ତଦନ୍ତ ଚଳାଇଛନ୍ତି।

## ନୟାହାଟ ବଜାରରୁ ବାଇକ୍ ଚୋରି

**ନୟାହାଟ, ୧୧।୨(ସମିସ):** ନୟାହଟ ବଜାର ବାରମ୍ବାର ବାଇକ୍ ଚୋରି ହେଉଛି। ନୟାହାଟ ବଜାରରେ ଧୁମାଳ ପଞ୍ଚାୟତର ନାଏବ ସରପଞ୍ଚ ଅଶୋକ କୁମାର ସାହୁ ରବିବାର ରାତି ୮ ଟା ସମୟରେ ଧୁମାଳ ଗଳି ନିଜ ବାସଭବନ ଆଗରେ ଗାଡ଼ି ରଖି ଘରକୁ ଏକ କାମରେ ଯାଇଥିଲେ। ଘରୁ ଆସି ଦେଖିବା ବେଳକୁ ବାଇକ୍ ନଥିବା ଦେଖିବାକୁ ପାଇଥିଲେ। ତାଙ୍କ ବାଇକ୍ ନଂ ଓଡି୧୩ ଇ-୧୫୦୫ ବାଇକ୍ ଦୁର୍ବୃତ୍ତ ଚୋରି କରି ନେଇଥିବା ଅଭିଯୋଗ କରିଛନ୍ତି। ସେହିପରି ଶନିବାର ରାତିରେ ମେଡ଼ିକାଲ ଛକ ଥିବା ମାଣିକ ମୋବାଇଲି ଦୋକାନ ବାହାରେ ଲାଗିଥିବା ସିସି କ୍ୟାମେରା ଚୋର ଭାଙ୍ଗି ଲୁଟ୍ କରିବାରେ ବିଫଳ ହୋଇଛନ୍ତି ବୋଲି ସୂଚନା ମିଳିଛି।ନୟାହାଟ ଫାଣ୍ଡିରେ ପାଟ୍ରୋଲିଂ କରିବା ପାଇଁ ଆବଶ୍ୟକ ଭ୍ୟାନ ନଥିବା ଓ ଫାଣ୍ଡିରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ନୟାହାଟ ଅଞ୍ଚଳରେ ଘନଘନ ଚୋରି ହେଉଛି।

## ସମୂହ ଛୁଟିରେ ପ୍ରାଣୀଧନ ଚିକିତ୍ସକ

**କୁଣ୍ଡେଇ, ୧୧।୨(ସମିସ):** ଓଡ଼ିଶା ପ୍ରାଣୀ ଚିକିତ୍ସକ ସଂଘ ଡାକରାରେ ଜାନୁୟାରୀ ୧୮ ତାରିଖ ଠାରୁ ସମସ୍ତ ଚିକିତ୍ସକ ବିଭିନ୍ନ ଦାବି ନେଇ ସମୂହ ଛୁଟିରେ ରହିଛନ୍ତି। ସେଥିପାଇଁ ଏବେ କାକଟପୁର ପ୍ରାଣୀ ଚିକିତ୍ସାଳୟ ପ୍ରାଣୀ ନିରୀକ୍ଷକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଆସୁଥିବା ଗୋରୁଗାଈଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପଶୁମାନଙ୍କୁ ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି। କାକଟପୁର ବ୍ଲକରେ ଥିବା ୧୬ ଟି ପ୍ରାଣୀ ସହାୟକ କେନ୍ଦ୍ରର ୭ ଜଣ ନିରୀକ୍ଷକ ନିଜ ନିଜ ପ୍ରାଣୀ ସହାୟକ କେନ୍ଦ୍ର ଅଧିନରେ ଗାଁ ଗୁଡ଼ିକରେ ରୋଗ ଗସ୍ତ ଗାଈ ଗୋରୁଙ୍କ ଚିକିତ୍ସା କରିସାରିବା ପରେ ଆସି ପ୍ରାଣୀଧନ ଚିକିତ୍ସକଙ୍କ କାର୍ଯ୍ୟାଳୟରେ ଗାଈ ଗୋରୁଙ୍କ ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି। ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟିରେ ଥିବା ଯୋଗୁ ଗୋରୁଗାଈଙ୍କ ଚିକିତ୍ସା ନେଇ ଗୋପାଳକମାନେ ଚିନ୍ତାରେ ପଡ଼ିଥିଲେ କିନ୍ତୁ ଏବେ ପ୍ରାଣୀଧନ ନିରୀକ୍ଷକମାନେ ଘରେ ଘରେ ପହଞ୍ଚି ଆକ୍ରାନ୍ତ ଗାଈ ଗୋରୁଙ୍କୁ ଚିକିତ୍ସା କରୁଥିବାରୁ ଗୋପାଳକମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ସେଥିପାଇଁ ସରକାରଙ୍କ ପକ୍ଷରୁ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ଗୋପ, ୧୧।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁ ଜନତା ଦଳ ପକ୍ଷରୁ ପରିବାର ସମ୍ପର୍କ ଅଭିଯାନ ଜାରି ରହିଛି। ଏହି ଅବସରରେ ରବିବାର ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅଧିନ ଗୋପ ବ୍ଲକ ସ୍ଥିତ ନାଗପୁର ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗ ଦେଇ ବିଭିନ୍ନ ଗ୍ରାମ ପରିକ୍ରମା ସହ ଜନସାଧାରଣଙ୍କ ସହ ସିଧାସଳଖ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭତ୍ତା ବୃଦ୍ଧି କରୁଥିବା ବେଳେ ଏହା ବୟସ୍କ ବୃଦ୍ଧବୃଦ୍ଧାଙ୍କ ଲାଗି ବେଶ୍ ସହାୟକ ହେବ ବୋଲି ମତଦେବା ସହ ବିଭିନ୍ନ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ କିଭଳି ସାମିଲ ହେବେ ସେ ସମ୍ପର୍କରେ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସମ୍ପାଦକ ରବୀନ୍ଦ୍ର ନାୟକ, ବରିଷ୍ଠ ବିଜେଡ଼ି କର୍ମୀ ଭାଗିରଥୀ ସେନାପତି, ସୁକାନ୍ତ ମହାନ୍ତି, ସୂର୍ଯ୍ୟ ମହାପାତ୍ର, ଯୁବ ସଭାପତି ନିରଞ୍ଜନ ଶଗଡ଼ିଆ ପ୍ରମୁଖ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମରେ ଶହ ଶହ ଜନସାଧାରଣ ସାମିଲ ହୋଇଥିଲେ।

## ଗାଦିବ୍ରହ୍ମଙ୍କ ମହାଯଜ୍ଞ ଉଦ୍‌ଯାପିତ

**ନୟାହାଟ, ୧୧।୨(ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଭୋଦର ପଞ୍ଚାୟତର କନ୍ତିଲୋ ଗ୍ରାମର ମୁରବି ଭୁବନି ପ୍ରଧାନ ଓ ବଂଶୀଧର ପ୍ରଧାନଙ୍କ ନେତୃତ୍ୱରେ ଗାଦିବ୍ରହ୍ମଙ୍କ ପିଠରେ ୪ ଦିନ ଧରି ଚାଲିଥିବା ବର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନି ଉତ୍ସବରେ ନିମନ୍ତ୍ରୀତ ଅତିଥି ଭାବେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ନେତା ସୁବ୍ରତ ଛାଟୋଇ ଯୋଗ ଦେଇଥିଲେ।ଅନୁଷ୍ଠାନ ପକ୍ଷରୁ ଯୁବ ନେତା ସୁବ୍ରତ ଛାଟୋଇଙ୍କୁ ପୁଷ୍ପମାଲ୍ୟ ଦେଇ ଯଜ୍ଞ ମଣ୍ଡପକୁ ପାଛୋଟି ନେଇଥିଲେ। ମହାଯଜ୍ଞ ଉତ୍ସବ ରେ ଅନ୍ୟମାନଙ୍କ ମଧ୍ୟରେ ଦେବୀ ପ୍ରସାଦ ସାହୁ, ନିରଞ୍ଜନ ଓଝା, ଚକ୍ରଧର ସାହୁ, ପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର ନରେନ୍ଦ୍ର କୁମାର ମଲ୍ଲିକ, ନାରାୟଣ ପହଟା, ପ୍ରାଣକୃଷ୍ଣ ବାରିକ, ସନ୍ତୋଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ





**ବଳଙ୍ଗା, ୧୧।୨(ସମିସ):** ବଳଙ୍ଗା ଥାନା ନିମାପଡ଼ା ନିର୍ବାଚନ ମଣ୍ଡଳୀର ଉଚ୍ଛୁପୁର ପଞ୍ଚାୟତରେ ରବିବାର ' ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ, ମହିଳା ସସକ୍ତୀ କରଣ, ଧାର୍ମିକ ସ୍ଥଳୀ ବିକାଶ, ବିଦ୍ୟାଳୟ ପ୍ରଭୃତି ରୁପାନ୍ତକରଣ, ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, କ୍ରୀଡା ଭିତ୍ତିଭୂମି ବିକାଶ, ପାନୀୟ ଜଳ, ଗମନାଗମନ ପ୍ରଭୃତି ସମ୍ପର୍କରେ ସଚେତନତା କରାଇଥିଲେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଅନୁରୋଧ କରିଥିଲେ। ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସାଂସଦ ପ୍ରତିନିଧି ସୁଧିର ରଞ୍ଜନ ଦାଶ, ସରପଞ୍ଚ ସୁରେଶ ମଙ୍ଗରାଜ, ନୁଆସନ୍ଥ ସରପଞ୍ଚ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଜେଇ ଗୌରାଙ୍ଗ ସିଠ, ସୁରେନ୍ଦ୍ରେ ପ୍ରଧାନ ସଭାପତି ଅଶୋକ କୁମାର୍ ଦାଶ, ରତୁରାଜ ମହାନ୍ତି, ବିରଞ୍ଚି ମହାନ୍ତି, ଅଜିତ୍ ଚାନ୍ଦ ଦାସ, ସୁକାନ୍ତ କୁମାର ବରାଳ, ବିଜୟ କୁମାର ଆଚାର୍ଯ୍ୟ, ପ୍ରଭୃତି ଅତିଥି ମାନେ ଯୋଗଦାନ କରିଥିଲେ। ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

**ଅସ୍ତରଙ୍ଗ:** ଅସ୍ତରଙ୍ଗ ବ୍ଲକର ଦୁଇଟି ପଞ୍ଚାୟତ କେନ୍ଦ୍ରାପଟି ଓ ସରିପୁର ପଞ୍ଚାୟତରେ ରବିବାର ଦିନ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ବିକାଶମୂଳକ କାର୍ଯ୍ୟ ଗୁଡିକ ଗୁଡିକ ପାଇଁ ପଞ୍ଚାୟତସ୍ତରରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାକଟପୁର ବିଧାୟକ ତଥା କ୍ରୀଡ଼ା, ଯୁବ ବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନିୟ ଅତିଥି ଭାବେ ୧ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବ୍ଲକ ଅଧକ୍ଷା ଆରତୀ ନାୟକ, ଉପଦକ୍ଷ ଦୁର୍ଯ୍ୟୟ ମିଶ୍ର, ସାଂସଦ ପ୍ରତିନିଧି ଚମ୍ପକ ବାରିକ, ଉଭୟ ପଞ୍ଚାୟତର ସରପଞ୍ଚ, ଯଥା କେନ୍ଦ୍ରାପଟି ସରପଞ୍ଚ ଲକ୍ଷ୍ମୀପ୍ରିୟା କାଣ୍ଡି, ସରିପୁର ସରପଞ୍ଚ ବନିତା କାଣ୍ଡି, ସମିତି ସଭ୍ୟା ସୁକାନ୍ତି ଦାସ ପ୍ରମୁଖ ଯୋଗଦାନ କରି ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ନିଜ ନିଜର ମତାମତ ରଖିଥିଲେ।

**ଗମ୍ଭାରୀପଦା/କାକଟପୁର:** ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନା ଗୁଡ଼ିକର ବହୁଳ ଭାବରେ ପ୍ରଚାର, ପ୍ରସାର ଓ ସଚେତନତା ପାଇଁ ସରକାରୀସ୍ତରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ କାକଟପୁର ପଞ୍ଚାୟତ ସମିତି ଅଧିନରେ ଥିବା କୁରୁଜଙ୍ଗ, ଲତାହରଣ, ଓ ବାଙ୍କୁରୀଗାଁ ଗ୍ରାମପଞ୍ଚାୟତ ଗୁଡିକରେ ଅନୁଷ୍ଠିତ ହୋଇଯାଇଛି।କୁରୁଜଙ୍ଗ ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ରୂପାଲି କାଣ୍ଡିଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧିନ କୁମାର ନାୟକ ମୁଖ୍ୟବକ୍ତା ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ସମିତି ସଭ୍ୟ କୈଳାସ ଚନ୍ଦ୍ର ସେଠୀ, ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ପଞ୍ଚାୟତସ୍ତରୀୟ ମହିଳା ସଂଘର ସଭାନେତ୍ରୀ ଝରଣା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।ଲତାହରଣ ଗ୍ରାମପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ଶିବିର ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ଶ୍ରୀ ନାୟକ, ମୁଖ୍ୟ ବକ୍ତା ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ବ୍ଲକ ଉପାଧକ୍ଷା ସନ୍ଧ୍ୟାରାଣୀ ସାହୁ, ସମାଜସେବୀ ସୁକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ବାଙ୍କୁରୀଗାଁ ପଞ୍ଚାୟତରେ ବିଡ଼ିଓ ବିଷ୍ଣୁ ଗୋବିନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ଶିବିରରେ ମୁଖ୍ୟଅତିଥି ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧିନ କୁମାର ନାୟକ, ମୁଖ୍ୟବକ୍ତା ଶ୍ରୀଧର ନାୟକ, ସମ୍ମାନିତ ଅତିଥି ପୁରୀ-ନିମାପଡ଼ା ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରାଣନାଥ ମଲ୍ଲିକ, ସରପଞ୍ଚ ପାର୍ଥ ବେହେରା, ସମିତି ସଭ୍ୟା ରାଜସ୍ମିତା ବେହେରା ପ୍ରମୁଖ ଯୋଗଦେଇ ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ପଞ୍ଚାୟତ ବାସୀଙ୍କୁ ଅବଗତ କରାଇଥିଲେ। ଜିଆରଏସ ଆକାଶ ଦାଶ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନାଥ ବନ୍ଧୁ ମୁଦୁଲି, ଓ ପ୍ରହଲ୍ଲାଦ ନାୟକ ସମାଜସେବୀ ଉଦୟ ଭାନୁ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଶାନ୍ତି ଶୃଙ୍ଖଳାରେ ଶିବିର ସମାପନ ହୋଇଥିଲା।

**ନିମାପଡ଼ା:** ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅନୁଆର, ଶଗଡ଼ା ଓ ଉଚ୍ଛୁପୁର ପଞ୍ଚାୟରେ ରବିବାର 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ୩ଟି ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜ୍ୟର ବିକାଶ, ସ୍ୱଚ୍ଛ ଓ ନିର୍ମଳ ଶାସନ, ବିଭିନ୍ନ ଧାର୍ମିକ ସ୍ଥଳିର ବିକାଶ, ମହିଳା ସଶକ୍ତି କରଣ, ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଭିତ୍ତିଭୂମିର ସୁବିଧା ସହ ବିଭିନ୍ନ ବିକାଶ ହୋଇଥିବା ନେଇ ଉପସ୍ଥିତ



ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ନବୀନ ବାବୁଙ୍କୁ ପୁର୍ନବାର ଷଷ୍ଠଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ସାଂସଦ ପ୍ରତିନିଧି ସୁଧିଠର ରଞ୍ଜନ ଦାଶ, ବ୍ଲକ ଉପାଧ୍ୟକ୍ଷା ଅନୁସ୍ୱୟା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ଯୁବ ବିଜେଡି ସଭାପତି ରାକେଶ ବେହେରାଙ୍କ ସମେତ ଅଙ୍ଗନବାଡ଼ି ଓ ଏସ୍‌ଏଚଜି ଗ୍ରୁପର ବହୁ କାର୍ଯ୍ୟକର୍ତ୍ତାଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**କୋଣାର୍କ, ୧୧।୨(ସମିସ):** କୋଣାର୍କ ନିକଟ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ବିଦ୍ୟାଳୟର ପରିଚାଳନା କମିଟି, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା କୋଣାର୍କ ଅଞ୍ଚଳର ୪ ଜଣ ଶିକ୍ଷକଶିକ୍ଷୟିତ୍ରୀ ଓ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥିରୂପେ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ସିମିଳି ପଞ୍ଚାୟତର ସମିତି ସଭ୍ୟା ମିନତି ସାହୁ, ସିଆରସିସି ରବୀନ୍ଦ୍ରନାଥ ବାହିନୀପତି, ଆଲୁମିନି କମିଟି ସଭାପତି ସମୀର ମହାନ୍ତି ଓ ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ବାରିକ ଯୋଗଦେଇ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ମହାନ୍ତି, ବଟେଶ୍ୱର ସରକାରୀ ନୋଡାଲ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମୁଦୁଲି ଓ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଛାତ୍ରୀ ଭାଗ୍ୟଲକ୍ଷ୍ମୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ପାତ୍ର ଓ ବଟେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଜକିଶୋର ସେନାପତି ଅସୁବିଧାବଶତଃ ଅନୁପସ୍ଥିତ ରହିଥିବାରୁ ସୋମବାର ସେମାନଙ୍କ ବିଦ୍ୟାଳୟକୁ ଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ବୋଲି ସମାଜସେବୀ ନିରଞ୍ଜନ ସାହୁ କହିଛନ୍ତି। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ମାନସ କୁମାର ମୁଦୁଲି, ପଣ୍ଡିତ ରବୀନ୍ଦ୍ରନାଥ ଦ୍ୱିବେଦୀ, ଚିତ୍ରାଞ୍ଜଳି ନାୟକ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ମନୋରଞ୍ଜନ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ

# କିଟ୍-ଭୁବନେଶ୍ୱର ଚାମ୍ପିଅନ

**କଣାସ, ୧୧।୨(ସମିସ):** କଣାସ ବ୍ଲକ କଣାସ ଗୋଲାବଜାର ଖେଳପଡ଼ିଆରେ ଆଞ୍ଚଳିକ କ୍ରୀଡ଼ା ସାଂସ୍କୃତିକ ପରିଷଦ ପକ୍ଷରୁ ସର୍ବଭାରତୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ କିଟ୍ -ଭୁବନେଶ୍ୱର, ସୂର୍ଯ୍ୟଶିଖା ଭଦ୍ରକ, ଧାନବାଦ ବିହାର, ରେନବୋ ଭୁବନେଶ୍ୱର, ରେଳବାଇ ଜଟଣୀ, ଏକେଏସଏସପି.କଣାସ ଭଲିବଲ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ କିଟ ଭୁବନେଶ୍ୱର ସହିତ ସୂର୍ଯ୍ୟଶିଖା ଭଦ୍ରକ ମଧ୍ୟରେ ହୋଇଥିଲା। କିଟ୍ ୨-୧ ରେ ସୂର୍ଯ୍ୟଶିଖାକୁ ହରାଇ ଚଳିତ ବର୍ଷ ପାଇଁ ଚାମ୍ପିଅନ ହୋଇଛି। ଉଦ୍‌ଘାଟନି ମ୍ୟାଚ୍‌ରେ ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ନେହୁରୁ ଯୁବକେନ୍ଦ୍ର ପୁରୀ ସଂଯୋଜକ ଜୟଶଙ୍କର ଯୋଶୀ, ବଡାସ ସରପଞ୍ଚ ବ୍ରଜବନ୍ଧୁ ପାଢ଼ୀ, ଡାକ୍ତର ରମେଶ ଚନ୍ଦ୍ର ବେହେରା, ଡାକ୍ତର ବିଶ୍ୱରଞ୍ଜନ ଜେନା, ଶିକ୍ଷାବିତ ମହେନ୍ଦ୍ର ରଣସିଂହ ଅତିଥିଭାବେ ଯୋଗଦେଇ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ, ଦୋକନ୍ଦା



ସରପଞ୍ଚ ଇଶ୍ୱର ହରିଚନ୍ଦନ, ଏକେଏସଏସପି ସଭାପତି ସଞ୍ଜୟ କୁମାର ଛୁଆଳସିଂହ, ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ ଅତିଥିଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ଚମ୍ପିଅନ ଟ୍ରଫି ସହ ୮ ହଜାର ଟଙ୍କା ରନର୍ସ ଦଳକୁ ରନର୍ସ ଅପ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ଶ୍ରୀକାନ୍ତ ନାୟକ, ବଟକୃଷ୍ଣ ଜେନା, ବୀରବର ଭଟ, ବିଦ୍ୟୁତଭୂଷଣ ରଥ, ତ୍ରିଲୋଚନ ଦାସଖେଳ ପରିଚାଳନା କରିଥିଲେ।

# ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ସେମିରେ ୟୁନାଇଟେଡ୍ କ୍ଲବ୍ ଗଣ୍ଡରପୁର

**ନିମାପଡ଼ା, ୧୧।୨(ସମିସ):** ସ୍ଥାନୀୟ ବାରବାଟୀ ପଡ଼ିଆରେ ନିମାପଡ଼ା ଆଥଲେଟିକ ଆସୋସିଏସନ ପକ୍ଷରୁ ରାଜ୍ୟସ୍ତରୀୟ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ୟୁନାଇଟେଡ ଫୁଟବଲ କ୍ଲବ ଗଣ୍ଡରପୁର ଭୁବନେଶ୍ୱରକୁ ଭେଟିଥିଲା ଉତ୍କଳ ସ୍ପୋର୍ଟିଂ ଜଟଣୀ। ୟୁନାଇଟେଡ କ୍ଲବ ୪-୦ ଗୋଲରେ ଉତ୍କଳ ସ୍ପୋର୍ଟିଂକୁ ହରାଇ ସେମିରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ୟୁନାଇଟେଡ କ୍ଲବର ଅଧିନାୟକ ଦେବାଶିଷ



ରାଉତ ଏବଂ ସୁନୀଲ ସୋରେନ ୨ଟି ଚିତାକର୍ଷକ ଗୋଲ ଦେଇଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ବବୁଲ ରାଉତ ଓ ଚନ୍ଦନ ନାୟକ ଯଥାକ୍ରମେ ୨ଟି ଗୋଲ ଦେଇଥିଲେ। ଫଳରେ ୪-୦ ଗୋଲରେ ୟୁନାଇଟେଡ ଫୁଟବଲ କ୍ଲବ ବିଜୟୀ ହୋଇଥିଲା। ନିମାପଡ଼ା କଲେଜ ପରିଚାଳନା କମିଟିର ସଭାପତି ତଥା ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ, ନିମାପଡ଼ା ବ୍ଲକ ଅଧକ୍ଷ ଶଙ୍କର ଭୋଇ, କ୍ରୀଡାବିତ୍ ମହେନ୍ଦ୍ର ସିଂଭାଟିଆ ଅତିଥିଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଚନ୍ଦନ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌ରେ ବିଜୟ କୁମାର ମଙ୍ଗରାଜ, ରାଜେନ୍ଦ୍ର କୁମାର ବାରିକ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ସୋନି କୁମାର ଦାଶ ଓ ସୁଶାନ୍ତ କୁମାର ରାଉତରାୟ ସହଯୋଗ କରିଥିଲେ। ସୋମବାର ଶ୍ରୀନୀଳଚକ୍ର ସ୍ପୋର୍ଟିଂ କ୍ଲବ ପୁରୀ ସହିତ ନିମାପଡ଼ା ଆଥଲେଟିକ ଆସୋସିଏସନ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆସୋସିଏସନର ସାଧାରଣ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି।

## ବିନାୟକ ଇଂରାଜୀ ମିଡିୟମ୍ ସ୍କୁଲର ବାର୍ଷିକ ଉତ୍ସବ

# 'ଜୀବନ ସଂଘର୍ଷରେ ଝୁଣ୍ଟ; କିନ୍ତୁ ପଛକୁ ନଫେରି ଆଗକୁ ମାଡ଼ିଚାଲ'

**ଗୋପ, ୧୧।୨(ସମିସ)**

ମଣିଷ ଜୀବନ ସଂଘର୍ଷରେ ପରିପୂର୍ଣ୍ଣ। ଜୀବନ ସଂଘର୍ଷର ଚଲାବାଟରେ ଅନେକ ଘାତ ପ୍ରତିଘାତ ଓ ପ୍ରତିବନ୍ଧକ ପଥରୁଦ୍ଧ କରିଥାଏ। ଏଥିରେ ହତୋତ୍ସାହ ନହୋଇ ପ୍ରତିବନ୍ଧକକୁ ସମ୍ମୁଖୀନ ହୋଇ ଆଗକୁ ମାଡ଼ିଚାଲ ବୋଲି ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଛନ୍ତି। ଗୋପ ନିକଟ ଦଳନଇସ୍ଥିତ ବିନାୟକ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ଉମାକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ





ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ବୈଦେହୀପ୍ରିୟା ଚାନ୍ଦ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପଞ୍ଚାନନ ପଣ୍ଡା ଏବଂ ସମ୍ମାନିତ ଅତିଥି ଶିକ୍ଷାବିତ୍ ଚନ୍ଦ୍ରଶେଖର ପ୍ରଧାନ, ବାନରସେନାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ସମାଜସେବୀ ସୁବାସ ବରାଳ, ସମାଜସେବୀ ଲକ୍ଷ୍ମୀଧର ପ୍ରଧାନ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଓ ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ମିଶ୍ର ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଓ ଶୈକ୍ଷିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପୁରୀର ଶ୍ରୀପର୍ଣ୍ଣା ପ୍ରକାଶନୀ ପକ୍ଷରୁ ବିଦ୍ୟାଳୟର ୩ଜଣ କୃତୀ ଛାତ୍ରୀ ଶ୍ରୀୟା ସାହୁଙ୍କୁ 'ଶିକ୍ଷା ଜ୍ୟୋତି', ପ୍ରିୟାଂଶୁ ରାଉତଙ୍କୁ 'କଳା ଜ୍ୟୋତି' ଓ ସାଇସ୍ନେହା ଦଳାଇଙ୍କୁ 'ଭାଷା ଜ୍ୟୋତି' ସମ୍ମାନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ବରିଷ୍ଠ ଶିକ୍ଷାବିତ୍ ପଞ୍ଚାନନ ପଣ୍ଡା, ସମାଜସେବୀ ବୈଦେହୀ ପ୍ରିୟା ଚାନ୍ଦ ଏବଂ ଶ୍ରେଷ୍ଠ ଅଭିଭାବକ ଭାବରେ ଦଂପତି ପ୍ରମୋଦ ପ୍ରଧାନ ଓ ଲିଲି ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଗୌରାଙ୍ଗ ଚରଣ ଦାସ ସ୍ୱାଗତ ଭାଷଣ ଦେବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ସିହ୍ନା ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଦଳାଇ, ଜ୍ୟୋତିର୍ମୟୀ ବରାଳ ଓ ସୁନିତା ଖାଡେଙ୍ଗାଙ୍କ ସମେତ ଅନ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ହରିଣ ଉଦ୍ଧାର

**କଣାସ, ୧୧।୨(ସମିସ):** କଣାସ ବ୍ଲକ ଅନ୍ତର୍ଗତ ପାଣ୍ଡିଆକେରା ପଞ୍ଚାୟତର ଘରଛୁଆ ଗ୍ରାମରୁ ଏକ ହରିଣକୁ ଗ୍ରାମବାସୀ ଉଦ୍ଧାରକରି ବନବିଭାଗକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ଗୋଟିଏ ହରିଣ ରବିବାର ମଧ୍ୟାହ୍ନ ସମୟରେ ଘରଛୁଆ ଗ୍ରାମର ଗହିରରେ ବୁଲୁଥିବା ସମୟରେ କେତେକ କୁକୁର ଗୋଡାଇଥିଲେ। ଏହାଦେଖି ଉକ୍ତ ଗ୍ରାମର କେତେକ ଯୁବକ ହରିକୁ ଉଦ୍ଧାର କରିଥିଲେ। ହରିଣକୁ ଉଦ୍ଧାର କରିବା ପରେ ଗ୍ରାମବାସୀ



ଡେଲାଙ୍ଗ ରେଞ୍ଜର ସାନ୍ତୁନ ଦଳାଇଙ୍କୁ ଫୋନ ଯୋଗେ ଜଣାଇବାରୁ ସେ ବନ ବିଭାଗର କେତେକ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ବନ ବିଭାଗ କର୍ମଚାରୀମାନେ ହରିଣକୁ ଉଦ୍ଧାରକରି ସଙ୍ଗରେ ନେଇଯାଇଥିବା ଜଣାପଡ଼ିଛି।

**ରାଜସ୍ୱ ଅଧିକାରୀ ନିରବଦ୍ରଷ୍ଟା**

# ଜିଲ୍ଲାରେ ୧ ହଜାରରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟି

ନୟାଗଡ଼, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ପଡ଼ା ବ୍ଲକରେ ବେଆଇନ ଇଟାଭାଟି ୪ ଜଣଙ୍କ ଜୀବନ ନେଇଛି। ପୂର୍ବରୁ ୨ ଜଣଙ୍କ ଜୀବନ ଯାଇଥିଲା। ଇଟାଭାଟି ଯୋଗୁଁ ପ୍ରଦୂଷଣର ମାତ୍ର ବୃଦ୍ଧି ପାଉଛି। ନୟାଗଡ଼ ଜିଲ୍ଲାରେ ୧ ହଜାରରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟି ଚାଲୁଥିବା ବେଳେ ତହସିଲ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି। ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଏହି ବେଆଇନ ଇଟାଭାଟି ପାଇଁ ଜଙ୍ଗଲ ଲୁଟ୍ ମଧ୍ୟ ହେଉଛି। ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଗଛ କାଟି ଇଟା ପୋଡ଼ା ଯାଉଛି। ସବୁଜାଣି ଜିଲ୍ଲା ପ୍ରଶାସନ ଓ ତହସିଲ ପ୍ରଶାସନ ଚୁପ୍ ବସିଥିବା ଅଭିଯୋଗ ହୋଇଛି। ନୟାଗଡ଼ ବ୍ଲକ ଅନ୍ତର୍ଗତ ବାଲୁଗାଁ ଆରଆଇ ସର୍କଲରେ ସର୍ବାଧିକ ବେଆଇନ ଇଟାଭାଟି ଚାଲିଥିବା ବେଳେ ଡାହୁକା ଜଳସେଚନ ପ୍ରକଳ୍ପକୁ ଲାଗି ରହିଥିବା ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଇଟାଭାଟି ଚାଲିଛି। ବାଲୁଗାଁ, କ୍ରିଦାଶପୁର, ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ବିଭିନ୍ନ ସ୍ଥାନରେ ବେଆଇନ ଇଟାଭାଟି ଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହେଉଛି। ନିକଟସ୍ଥ ଜଙ୍ଗଲରୁ କାଠ ଲୁଟ୍ କରି ଇଟାଭାଟିରେ ଜାଳେଣୀ ରୂପେ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ନଦୀ ପଠାରେ ବେଆଇନ ଭାବେ ଇଟାଭାଟି କରି ମାଫିଆମାନେ ମାଲେମାଲ ହେଉଥିବା ବେଳେ ଆରଆଇ ଓ ତହସିଲଦାର ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ନୟାଗଡ଼ ତହସିଲର ବିଭିନ୍ନ ସ୍ଥାନରେ ବେଆଇନ ଇଟାଭାଟି ଏବେ ଚିନ୍ତା ସୃଷ୍ଟି କରିଛି। ଆରଆଇମାନେ ବର୍ଷକୁ ଥରେ ୧୦ରୁ ୨୦ ହଜାର ଟଙ୍କାର ଜରିମାନା ରସିଦ୍ କାଟି ସେମାନଙ୍କୁ ସୁରକ୍ଷା ଦେଉଥିବା ବେଳେ ମାସିକିଆ ଆଦାୟ ହେଉଥିବା ଅଭିଯୋଗ ହୋଇଛି। ସେହିଭଳି ଭାବେ ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ ଶିଖରପୁର, ଖଳିସାହି, ପୁଆଣିଆ, ଉଜୁଳାଙ୍ଗ, ଇଚ୍ଛାପୁର, ବଳରାମପ୍ରସାଦ, ଘୋଡ଼ାମାରିଦ୍ୱାର, କଣ୍ଟିଲୋ ପଲଟନ ପଡ଼ିଆ ନିକଟସ୍ଥ ଅଞ୍ଚଳରେ ବେଆଇନ ଇଟାଭାଟି ବହୁଳ ମାତ୍ରାରେ ଦେଖିବାକୁ ମିଳିଛି। ଭାପୁର ବ୍ଲକ ଅନ୍ତର୍ଗତ ବାଦିଲୋ, ବରପୁଟ ଅଞ୍ଚଳରେ ବେଆଇନ ଇଟାଭାଟି ଚିନ୍ତା ସୃଷ୍ଟି କରିଛି। ଓଡ଼ଗାଁ ତହସିଲ ଅନ୍ତର୍ଗତ ସୁନାମୁହିଁ କୁରାଳ ରାସ୍ତା ଗିରିଡ଼ିପଲ୍ଲୀ, ସାବିଦେଇପୁର ପ୍ରଭୃତି ଅଞ୍ଚଳରେ ବେଆଇନ ଇଟାଭାଟି ଚାଲିଛି। ନୂଆଗାଁ ତହସିଲ ଅନ୍ତର୍ଗତ ଆଛୁପଡ଼ା, ମହୀପୁର, ଗାତେରୀ ଅଞ୍ଚଳରେ ବେଆଇନ ଇଟାଭାଟି ରହିଛି। ସେହିଭଳି ଭାବେ ଦଶପଲ୍ଲା ତହସିଲ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟି ଚାଲିଥିବା ବେଳେ ଗଣିଆ ଓ ରଣପୁର ବ୍ଲକର ବିଭିନ୍ନ ସ୍ଥାନରେ ଇଟାଭାଟି ଚାଲିଛି। ଏହି ଇଟାଭାଟିରେ ନିୟୋଜିତ ଶ୍ରମିକମାନେ ବିପଜ୍ଜନକ କାର୍ଯ୍ୟ କରୁଥିବା ବେଳେ ଏହା ଦ୍ୱାରା ମାତ୍ରାଧିକ ପ୍ରଦୂଷଣ ବୃଦ୍ଧି ପାଉଛି। ଜିଲ୍ଲାର କୌଣସି ତହସିଲ କର୍ତ୍ତୃପକ୍ଷ ଏହି ବେଆଇନ ଇଟାଭାଟିକୁ କଦାପି ଚିନ୍ତାଶୀଳ ଥିବା ମନେ ହେଉନାହିଁ। ଦୀର୍ଘବର୍ଷ ଧରି ଇଟାଭାଟି ମାଲିକ ଏବଂ ରାଜସ୍ୱ କର୍ମଚାରୀଙ୍କ ମଧ୍ୟରେ ସଲାସୁତରା ହୋଇ କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି। ଏହି ବେଆଇନ ଇଟାଭାଟି କେବେ ବି କାହାର ଜୀବନ ନେବାର ସମ୍ଭାବନା ସୃଷ୍ଟି କରିଛି।



## କାର୍ ଧକ୍କାରେ ସ୍କୁଟି ଚାଳକ ମୃତ

ନୟାଗଡ଼, ୧୧।୨(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ପଣ୍ଡୁସର ନିକଟରେ ଏକ କାର୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ନୂଆ ବିଜିପୁର ଗ୍ରାମର ପଙ୍କଜ ପ୍ରଧାନ। ମହାରାଷ୍ଟ୍ରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଫଳରେ ପଙ୍କଜଙ୍କ ମୃତ୍ୟୁ ଘଟିଛି। ଇଟାମାଟି ପୁଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଦେଶୀ ମଦ ଜବତ, ଜଣେ ଗିରଫ

ନୟାଗଡ଼, ୧୧।୨(ସମିସ): ନୟାଗଡ଼ ସଦରଥାନା ପୁଲିସ ୪୦୦ ଲିଟର ଦେଶୀ ମଦ ଜବତ କରିବା ସହ ୧ ହଜାର ଲିଟର ପୋଚ ନଷ୍ଟ କରିଛି। ଏହି ଘଟଣାରେ ମାଳିସାହି ଫାଣ୍ଡି ଅନ୍ତର୍ଗତ ଗୁଡୁପାଙ୍ଗି ଗ୍ରାମର ପ୍ରଫୁଲ୍ଲ ପାଟଶାନୀଙ୍କୁ ଗିରଫ କରିଛି। ପୁଲିସ ଦେଶୀ ମଦ ପ୍ରସ୍ତୁତ ହେଉଥିବା ନେଇ ସୂଚନା ପାଇ ଚଡ଼ଉ କରିଥିଲା। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ସଦରଥାନା ଅଧିକାରୀ ଅନିତା ସାହୁ ସୂଚନା ଦେଇଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ

ନୟାଗଡ଼, ୧୧।୨(ସମିସ): ନୟାଗଡ଼ ଟାଉନ ଥାନା ପୁଲିସ୍ ୫ କେଜି ୨ ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବୌଦ୍ଧ ଜିଲ୍ଲା ବଡ଼ପାର ଗ୍ରାମର ପ୍ରକାଶ ନାୟକ। ଅଭିଯୁକ୍ତ ଘଡୁଆଳ ନିକଟରେ ଏକ ବ୍ୟଗରେ ଗଞ୍ଜେଇ ଧରି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଅପେକ୍ଷା କରିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଟାଉନ ଥାନା ପୁଲିସ୍ ତାଙ୍କୁ ଧରିବାରେ ସଫଳ ହୋଇଛି। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନତା

ଗଣିଆ, ୧୧।୨(ସମିସ): ଆଗକୁ ଗ୍ରୀଷ୍ମଋତୁ। ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ତରଫରୁ ଗାଁ ଗାଁରେ ଲୋକଙ୍କୁ ସଚେତନ କରୁଛନ୍ତି ବନକର୍ମଚାରୀ। ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ରବିବାର ବନାଞ୍ଚଳର ବିଭିନ୍ନ ଗ୍ରାମରେ ସଚେତନତା କରାଯାଇଛି। ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ମୌସୁମୀ ବେହେରାଙ୍କ ନେତୃତ୍ୱରେ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଛାମୁଣ୍ଡିଆ ବଜାରରୁ ଏକ ସଚେତନତା ରାଲି ବାହରି, ରାଜିଙ୍ଗି, କୁମ୍ଭୀରଖଣୀ ପରି ୫ ଖଣ୍ଡ ଗ୍ରାମ ପରିକ୍ରମା କରି ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁ ରୋକିବା, ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ସମ୍ପର୍କରେ ପ୍ଲାକାର୍ଡ ଓ ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ଗ୍ରାମଗୁଡ଼ିକର ମଧ୍ୟସ୍ଥଳରେ ଲୋକନୃତ୍ୟ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନପାଳ ପ୍ରତାପ ସେଠୀ, ଲୋକନାଥ ସେଠୀ, ଦେବାଶିଷ ବେହେରା, ରୋଜାଲିନ ସ୍ୱାଇଁ, ସଞ୍ଜୟ କୁମାର ରାଉତଙ୍କ ସମେତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ବେଠିଆସାହିରେ ଭୟାବହ ଅଗ୍ନିକାଣ୍ଡ

ଗଣିଆ, ୧୧।୨(ସମିସ): ଗଣିଆ ତହସିଲ ଛାମୁଣ୍ଡିଆ ପଞ୍ଚାୟତ ଅଧୀନ ବେଠିଆସାହି ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ଛବି ବେହେରାଙ୍କର ୨ ବଖରା ଜଳି ଯାଇଛି। ସ୍ଥାନୀୟ ଗ୍ରାମବାସୀ ଓ ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ କୌଣସି ଜିନିଷ ଉଦ୍ଧାର ହୋଇ ପାରିନଥିଲା। ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୧୦ଟା ସମୟରେ ଛବି ବେହେରା ଘରର ସମସ୍ତ କାମ ସାରି ନିକଟସ୍ଥ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ହଠାତ୍ ଘରେ ନିଆଁ ଲାଗିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର, ୨ କୁଇଣ୍ଟାଲ ଚାଉଳ, ସୁନାର ମଙ୍ଗଳସୂତ୍ର, ରୁପା ପାଉଁଜି, ୧ ଲକ୍ଷ ଟଙ୍କାର ନୂଆ ମାଛ ଧରା ଜାଲ, ୮ଟି ଛେଳି ଛୁଆ ସହ ନଗଦ ୫୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ପରିବାରର ସମସ୍ତ ସଦସ୍ୟଙ୍କ ଆଧାରକାର୍ଡ, ରାସନକାର୍ଡ, ଜମିପଟ୍ଟା, ବ୍ୟାଙ୍କ ପାସବୁକ୍ ପରି ବିଭିନ୍ନ ଜରୁରୀ କାଗଜପତ୍ର ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଛି। ଘରେ ଛବି ବେହେରା ନିଜ ସାନପୁଅ ସହ ରହୁଥିବା ବେଳେ ଛବିଙ୍କ ସ୍ୱାମୀ ରମେଶ ବେହେରା ଚିଲିକା ମାଛ ମାରିବା ପାଇଁ ଯାଇଥିବା ଓ ବଡ଼ପୁଅ ବାହାରେ କାମ କରିବାକୁ ଯାଇଥିବା ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଛାମୁଣ୍ଡିଆ ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ସାମଲ ପହଞ୍ଚି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରିଥିବା ବେଳେ ଅପରାହ୍ନରେ ଡଃ. ରବୀନ୍ଦ୍ର ସେଠୀ ବିପନ୍ନଙ୍କ ପାଖରେ ପହଞ୍ଚି ଶୁଖିଲା ଖାଦ୍ୟ, ଲୁଗା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବିପନ୍ନ ପରିବାରଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି।

## ଖଳିସାହି କ୍ରିକେଟ କପ୍: ଫାଇନାଲରେ କଟକ ରାକା



ଖଣ୍ଡପଡ଼ା, ୧୧।୨(ସମିସ): ଖଣ୍ଡପଡ଼ା ବ୍ଲକ ଖଳିସାହି ବଡ଼ପଡ଼ିଆରେ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସେମିଫାଇନାଲରେ କଟକ ରାକା କ୍ରିକେଟ କ୍ଲବ ବିଜୟୀ ହୋଇଛି। ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ମ୍ୟାଚ୍‌ରେ କଟକ ରାକା କ୍ରିକେଟ କ୍ଲବ ୩୯ ରନ୍‌ରେ ଢେଙ୍କାନାଳ କିଆଝର କ୍ରିକେଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି କଟକ ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୨୮୬ ରନ୍ ସଂଗ୍ରହ କରିଥିଲା। ଜବାବରେ କିଆଝର ଢେଙ୍କାନାଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୪୮ ରନ୍ ସଂଗ୍ରହ କରିବା ସହିତ ପରାଜୟ ବରଣ କରିଥିଲା। ବିଜୟୀ କଟକ ଦଳର ବିକାଶ ବେହେରା ୩୬ଟି ବଲ୍‌ରେ ୫ଟି ଛକା ଓ ୭ଟି ଚୌକା ସହାୟତାରେ ୭୩ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଷଷ୍ଠ ଦିବସରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସୀତା ସ୍ୱାଇଁ, ଭାପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ଅଜୟ ସାହୁ, ରବି ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଦୀପକ ରଞ୍ଜନ ସାହୁ ଓ କଳ୍ପତରୁ ପଟ୍ଟନାୟକ ଭାଷ୍ୟକାର ଦାୟିତ୍ୱ ନିଭାଇଥିଲେ। ମଙ୍ଗଳବାର ଫାଇନାଲ ମ୍ୟାଚ୍ ବାଙ୍କି ପାୱାର କିଙ୍ଗ ଏବଂ କଟକ ରାକା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ସଭାପତି ଶରତ କୁମାର ସାହୁଙ୍କଠାରୁ ସୂଚନା ମିଳିଛି।

## ବାଇଗୁଣିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ଟାଙ୍ଗୀ ଚାମ୍ପିଅନ

ଭାପୁର, ୧୧।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ବାଇଗୁଣିଆ ୟୁଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ତନ୍ତୁବାୟ ସହଯୋଗ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ରଘୁନାଥ ଏଫସି ଟାଙ୍ଗୀ, ୭୨- କ୍ଲବ, ଭୁବନେଶ୍ୱରକୁ ୩-୦ ଗୋଲ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଖେଳ ପରିଚାଳନା କରିଥିଲେ ପ୍ରସନ୍ନ କୁମାର ନାୟକ। ଲାଇନରେ ସହଯୋଗ କରିଥିଲେ ଜଗନ୍ନାଥ ପରିଡ଼ା ଓ ସୁବାସ ଚନ୍ଦ୍ର ବେହେରା। ଚତୁର୍ଥ ରେଫରି ଭାବେ କାହ୍ନୁଚରଣ ମହାରଣା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ ଅଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ବାଇଗୁଣିଆ ପଞ୍ଚାୟତର ସରପଞ୍ଚ ନିରୁପମା ମହାରଣା, ଭାପୁର ବ୍ଲକ ବିଜୁ ଜନତା ଦଳ ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, ଶିକ୍ଷାବିତ୍ ବୈକୁଣ୍ଠ ନାଥ ଦାଶ ଯୋଗଦେଇ ବିଜୟୀ ଦଳକୁ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସଭାପତି ଅଧ୍ୟାପକ ସର୍ବେଶ୍ୱର ମହାରଣା, ସମ୍ପାଦକ ଅଧ୍ୟାପକ ପ୍ରଦୀପ କୁମାର ନନ୍ଦ ଓ କୋଷାଧ୍ୟକ୍ଷ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା ସମସ୍ତ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




## ସମସ୍ୟା ଘେରରେ କଣ୍ଟି ଡାକୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ଓଡ଼ଗାଁ, ୧୧।୨(ସମିସ): ନୟାଗଡ଼ ଜିଲ୍ଲା ବାହାଡ଼ାଝୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ନଥିବା ସମସ୍ୟାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ବାହାଡାଝୋଲା ନୂଆଗାଁ ବ୍ଲକ ଅଞ୍ଚଳ ଏକ ପ୍ରମୁଖ ବ୍ୟବସାୟିକ ପ୍ରାଣକେନ୍ଦ୍ର। ନୟାଗଡ଼ ଜିଲ୍ଲାର ଅନେକ ଗ୍ରାମ ସହିତ ଗଞ୍ଜାମ ଜିଲ୍ଲାର ଅନେକ ଗ୍ରାମର ଜନସାଧାରଣ ଏହାରି ଉପରେ ସର୍ବଦା ନିର୍ଭର କରିଥାନ୍ତି। ମୁଖ୍ୟତଃ ଏହି ଡାକ୍ତରଖାନା ଉପରେ ହରିପୁର, ବାହାଡାଝୋଲା, ବେରୁହାଁବାରୀ, ସିଙ୍ଗାରପଲ୍ଲୀ, କାପ୍ତାପଲି ଏବଂ ଗୁମି ଭଳି ୬ ଗ୍ରାମ ପଞ୍ଚାୟତରେ ବସବାସ କରୁଥିବା ୯୭ ରାଜସ୍ୱ ଗ୍ରାମର ପ୍ରାୟ ୫୦ ହଜାରରୁ ଅଧିକ ଜନସାଧାରଣ ନିର୍ଭର କରିଥାନ୍ତି। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନେ ଆୟୁଷ ଡାକ୍ତରଙ୍କ ବ୍ୟବହାରରେ ଅତିଷ୍ଠ ହୋଇପଡ଼ିଥିବା ନେଇ ଅଭିଯୋଗ ହେଉଛି। ଦୀର୍ଘ ଏକ ଦଶନ୍ଧି ଧରି ଏଠାରେ କେହି ଏମବିବିଏସ ଡାକ୍ତର ନଥିବା ବେଳେ ୧୫ ଦିନ ପୂର୍ବେ ଜଣେ ଏମବିବିଏସ ଡାକ୍ତର ଉକ୍ତ ଡାକ୍ତରଖାନାରେ ଯୋଗ ଦେଇଥିବା ଜଣାପଡ଼ିଛି। ବିଭିନ୍ନ ସମସ୍ୟା ନେଇ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଏହି ଡାକ୍ତରଖାନାରେ ଏବେ ଡାକ୍ତର ଥିବା ବେଳେ ଔଷଧ ମିଳୁନଥିବା କାରଣକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଶେଷକରି ଆଦିବାସୀ ଅଧ୍ୟୁଷିତ କାପ୍ତାପଲି, ଗୁମି, ଶିଙ୍ଗାରପଲ୍ଲୀ ଆଦିବାସୀ ଅଞ୍ଚଳ ପାଇଁ ଅନ୍ୟ କୌଣସି ବିକଳ୍ପ ନଥିବାରୁ ସେମାନଙ୍କ ଏକମାତ୍ର ଆଶା ଭରସାର ଏହା ହେଉଛି ଶେଷ ଠିକଣା। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ସବୁବେଳେ ଅବହେଳିତ ହୋଇ ପଡ଼ିରହିଛି। ଦୀର୍ଘ ଏକ ଦଶନ୍ଧି ଧରି ଏହା ଜଣେ ଆୟୁଷ ଡାକ୍ତରଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଆବଶ୍ୟକୀୟ ଔଷଧ ନମିଳିବା ଏକ ପ୍ରମୁଖ ସମସ୍ୟା ହୋଇଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଡାକ୍ତରଖାନା ସାମ୍ନା ଜବରଦଖଲ ଯୋଗୁଁ ରୋଗୀଟିଏ ଡାକ୍ତରଖାନାର ଠିକଣା ଖୋଜିବା ଏକ ସମସ୍ୟା ଭାବେ ଦେଖାଦେଇଥାଏ। ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଡାକ୍ତରଖାନାକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ସହିତ ବର୍ତ୍ତମାନ ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



**ବିଜେଡି ପକ୍ଷରୁ 'ୱାନ ୱାର୍ଡ ଫର୍ ୱାନ ୟୁଥ୍' କାର୍ଯ୍ୟକ୍ରମ**

## ପ୍ରତି ଘରେ ଶଙ୍ଖ ପାଇଁ ସଂକଳ୍ପ




ଖଣ୍ଡପଡ଼ା, ୧୧।୨(ସମିସ): ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତ ଅଧୀନ ସୋମନାଥ ମନ୍ଦିର ପ୍ରାଙ୍ଗଣରେ ଖଣ୍ଡପଡ଼ା ବିଜେଡି ପକ୍ଷରୁ ଯୁବ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା ଯୋଗଦେଇ ବିଜେଡି ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୁବକମାନେ ହିଁ ସକ୍ରିୟ ଭୂମିକା ନିଭାଇବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ନୟାଗଡ଼ ଜିଲ୍ଲା ବିଜେଡି ଉପସଭାପତି ନିରଞ୍ଜନ ବେହେରା, ଜିଲ୍ଲା ସମ୍ପାଦକ ଅଖିଳ କୁମାର ପଣ୍ଡା, କୁମ୍ଭାରପଡ଼ା ସମିତିସଭ୍ୟ ନରେନ୍ଦ୍ରନାଥ ନାଥ ଦାଶ, ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ଛାତ୍ର ବିଜେଡି ସଭାପତି ବିକ୍ରମ ପ୍ରଧାନ, ରାଣୀଛେଲି ସରପଞ୍ଚ ଜିତେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ବହୁ ନେତା ମଞ୍ଚାସୀନ ରହିବା ସହ ଯୁବକଙ୍କୁ ସମ୍ବୋଧିତ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳ ପକ୍ଷରୁ ପ୍ରତି ୱାର୍ଡରେ ଏଣିକି ଜଣେ ଯୁବକ ଦାୟିତ୍ୱ ନେବା ସହ ସରକାରୀ ଯୋଜନାର ପ୍ରଚାର ପ୍ରସାର ଏବଂ ଦଳୀୟ ସଂଗଠନକୁ ସୁଦୃଢ଼ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବ୍ଲକ ଯୁବ ସଭାପତି ଶ୍ରୀ ବେହେରା ଅଭିଭାଷଣରେ କହିଥିଲେ। ଏଥିସହିତ ଆଗାମୀ ଦିନରେ ପ୍ରତି ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ବିଜୟ କୁମାର ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିଲେ। ୨୨ଟି ପଞ୍ଚାୟତର ଯୁବ ବିଜେଡି ସଭାପତି, ଯୁବ ସଂଗଠକ, ବହୁ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହିବା ସହ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇଥିଲେ।

## ବଢୁଛି ବିଜେଡି ବଳ; ୨୮ ପରିବାର ସାମିଲ

ନୟାଗଡ଼, ୧୧।୨(ସମିସ): ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ଦିନକୁ ଦିନ ଶକ୍ତିଶାଳୀ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶକୁ ଗ୍ରହଣ କରି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଅନେକ ବିରୋଧୀ କର୍ମୀ ଓ ନେତା ବିଜେଡିରେ ସାମିଲ ହେଉଛନ୍ତି। ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଶନିବାର ରାତିରେ ନାଟୁଗାଁ ପଞ୍ଚାୟତ ଅନ୍ତର୍ଗତ ଖେଡ଼ବାରଣା ଗ୍ରାମର ଓ ବାଲୁଗାଁ ପଞ୍ଚାୟତ ଖେଡ଼ପଡ଼ା ସ୍କିମ ସାହିର ବିଜେପିର ଆଗଧାଡ଼ିର ନେତା ଓ କର୍ମୀମାନେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ବାଉରୀବନ୍ଧୁ ଜେନା, ଚିରଞ୍ଜିବୀ ରାଉତ, ବିଜୟ କୁମାର ରାଉତ, ହରିବନ୍ଧୁ ଜେନା, ଦାମୋଦର ପ୍ରଧାନ, ବ୍ରାହ୍ମଚାରୀ ମାଝୀ, ଜୟକୃଷ୍ଣ ପ୍ରଧାନ, ଶାନ୍ତନୁ ପ୍ରଧାନ, କାର୍ତ୍ତିକ ପ୍ରଧାନ, ଅଧିକାରୀ ପ୍ରଧାନ, ଘନଶ୍ୟାମ ପ୍ରଧାନ, ଧର୍ମାନନ୍ଦ ଜେନା, ନବକିଶୋର ବେହେରା ଓ ସଜାନାପଡ଼ା ଗ୍ରାମ ପବିତ୍ର ପ୍ରଧାନ ଆଜି ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ବାଲୁଗାଁ ପଞ୍ଚାୟତ ସ୍କିମ ସାହିର ପତିଆ ବିଶ୍ୱାଳ, ଭଗବାନ ଜେନା, ଛବି ଗୁରୁ, ପ୍ରଶାନ୍ତ ପାତ୍ର, ଜିତୁ ମାଝି, ଜଗନ୍ନାଥ ଗୁରୁ, ଅଭିମନ୍ୟୁ ପାତ୍ର, ନବକିଶୋର ପାତ୍ର, ମାନସ ବିଶ୍ୱାଳ, ପ୍ରହଲ୍ଲାଦ ପାତ୍ର, ନିତ୍ୟାନନ୍ଦ ଗୁରୁ, ପ୍ରଦୀପ୍ତ ମୁଦୁଲି, ପ୍ରଫୁଲ୍ଲ ପାତ୍ର ଓ ପ୍ରଦୀପ ଗୁରୁ ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ସମସ୍ତେ ଏକତ୍ରିତ ହୋଇ ନାଟୁଗାଁ ଗ୍ରାମ ପଞ୍ଚାୟତ ଓ ବାଲୁଗାଁ ଗ୍ରାମ ପଞ୍ଚାୟତରେ ବିଜେଡିକୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସୁବାସ ଚନ୍ଦ୍ର କଅଁର, ଜିଲ୍ଲା ପରିଷଦ ସରୋଜ କୁମାର ରଣସିଂ, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, ବିଜେଡି ଜିଲ୍ଲା ଉପସଭାପତି ପଦ୍ମ ଚରଣ ଉଦୟଭାନୁ, ନୟାଗଡ଼ ନିର୍ବାଚନମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ନାଟୁଗାଁ ପଞ୍ଚାୟତର ସମାଜସେବୀ ଭଗବାନ ଜେନା, ବାଲୁଗାଁର ରାଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ନୟାଗଡ଼, ୧୧।୨(ସମିସ): ନୟାଗଡ଼ ବ୍ଲକ ଶରଧାପୁର ଓ ବାଉଁଶିଆପଡ଼ା ପଞ୍ଚାୟତରେ ଆଜି 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନୟାଗଡ଼ ବିକାଶ ପ୍ରସଙ୍ଗରେ ବିଧାୟକ ଆଲୋଚନା କରିବା ସହ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବିଧାୟକ ତଥ୍ୟ ଉପସ୍ଥାପନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି କହିଥିଲେ। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଅଭୂତପୂର୍ବ ବିକାଶ ହୋଇପାରିବ ବୋଲି ବିଧାୟକ କହିଥିଲେ। ଶରଧାପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସରପଞ୍ଚ ଲକ୍ଷ୍ମୀପ୍ରିୟା ମୁଦୁଲି ପରିଚାଳନା କରିଥିଲେ। ଉକ୍ତ ପଞ୍ଚାୟତରେ କୁମୁଦ ଭୁଜବଳ, ବଳରାମ ପ୍ରଧାନ, ସୁରେନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବାଉଁଶିଆପଡ଼ା ସରପଞ୍ଚ ଜୁଲି ସାହୁ, ସମିତିସଭ୍ୟ ରଶ୍ମିତା ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। **ଭାପୁର:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ସରୋଜ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥି ଭାବେ ବିଡିଓ ରଣଜିତ କୁମାର ମଲ୍ଲିକ, ବିଜେଡି ବ୍ଲକ ସଭାପତି ଶିବପ୍ରସାଦ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଫତେଗଡ଼ ପଞ୍ଚାୟତ ସମିତି ସଭ୍ୟ ବଂଶୀଧର ସୁବୁଦ୍ଧି, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, ବ୍ଲକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ନିରୁପମା ପ୍ରଧାନ, ଫତେଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈକୁଣ୍ଠ ନାଥ ସାହୁ, କରବର ପଞ୍ଚାୟତ ସମିତି ତପନ କୁମାର ମହାପାତ୍ର, ବାଉଁଶବାଟୀ ପଞ୍ଚାୟତ ସମିତି ସଭ୍ୟଙ୍କ ପ୍ରତିନିଧି ଅଖିଳ କୁମାର ସେଠ, ରାକମା ପଞ୍ଚାୟତ ସମିତି ସଭ୍ୟ ବାଳଗୋପାଳ ଷଡଙ୍ଗୀ, ଗୋଳାପୋଖରୀ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅନୀଲ କୁମାର ବୈରିଗଞ୍ଜନ, ସମିତି ସଭ୍ୟ ହରିହର ଛୁଆଳସିଂହ, କଣ୍ଡଶିଙ୍ଘୀ ଯୁଧିଷ୍ଠିର ଖୁଣ୍ଟିଆ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମଚରଣ ବିଶ୍ୱାଳ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଅତିଥିମାନେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧର୍ମସ୍ଥଳୀଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ଉନ୍ନତିକରଣ, ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ, କ୍ରୀଡ଼ା ଭିତ୍ତିଭୂମି ବିକାଶ, ଐତିହ୍ୟ ଭିତ୍ତିଭୂମି ବିକାଶ ଓ ସୁଗମ ପରିବହନ ବ୍ୟବସ୍ଥା ନେଇ ବିସ୍ତୃତ ଭାବେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସଭାରେ ପ୍ରାୟ ଚାରି ହଜାର ମହିଳା ଓ ପୁରୁଷ ଯୋଗ ଦେଇଥିଲେ।



# ୯ ନଂ ଜୋନ୍‌ରେ ବିଜେଡିର ରୋଡ଼ ଶୋ




**ନିରାକାରପୁର, ୧୧।୨(ସମିସ):** ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ବୈଠକ ଓ ଶୋଭାଯାତ୍ରା କରି ବିରୋଧିଙ୍କ ନିଦ ହଜାଇଥିବା ବିଜୁ ମହିଳା ଜନତା ଦଳର ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ରବିବାର ୯ ନଂ ଜୋନର ବିଭିନ୍ନ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ବିଶାଳ ବାଇକ୍ ଶୋଭାଯାତ୍ରା କରିଛନ୍ତି। ପ୍ରତି ୱାର୍ଡରେ ଲୋକଙ୍କ ନିକଟରେ ପହଁଞ୍ôଚ ଶ୍ରୀମତୀ ମହାପାତ୍ର ରାଜ୍ୟ ସରକାରଙ୍କ ବହୁବିଧ ଯୋଜନା ଓ ତାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇ ମୁଖ୍ୟମନ୍ତ୍ରୀ ଭାବରେ ଅଭିଶିକ୍ତ କରିବାକୁ ଲୋକଙ୍କୁ ନିବେଦନ କରିଥିଲେ। ଶୋଭାଯାତ୍ରା ରେ ଓଳସିଂହ ପଞ୍ଚାୟତର କେଦାର ଶ୍ରୀଚନ୍ଦନ, ଲିପୁ ଶ୍ରୀଚନ୍ଦନ, ପ୍ରକାଶ ଭୋଳ, ସତୁରା ସ୍ୱାଇଁ, ଛଣଗିରି ପଞ୍ଚାୟତର କାର୍ତ୍ତିକ ସାହୁ, ରମେଶ ନାୟକ, ସୁକେଶ ପରିଡ଼ା, ସରପାରି ପଞ୍ଚାୟତର ଅଶୋକ ସାମନ୍ତସିଂହାର, ରଶ୍ମି ରଞ୍ଜନ ଦାସ, ରବୀନ କୁମାର ସାହୁ, ଅଚ୍ୟୁତପୁର ପଞ୍ଚାୟତର କେଶବ ରାଉଳ, ମହାଦେବ ମହାପାତ୍ର, ସଂଗ୍ରାମ ସିଂ, ବିକ୍ରମ ସିଂ, କମାଗୁର ପଞ୍ଚାୟତର ବୀର ପ୍ରଧାନ, ରବୀନ୍ଦ୍ର କୁମାର ସେନାପତି, ବଟୁଆ ପଲେଇ, ବିକାଶ ପଲେଇ, ଶିବ ବଳିୟାରସିଂହ, ଟାଙ୍ଗୋଳ ପଞ୍ଚାୟତର ମାନସ ରଣସିଂହ, ବିଦ୍ୟାଧର ନାୟକ, ତପନ ପ୍ରଧାନ, ଅନନ୍ତ ସାହୁ, ଅଶ୍ୱିନୀ କୁମାର ବେହେରା, ପଞ୍ଚାନନ ପାତ୍ରଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।

# ସିଲ୍ ହେଲା ଏବିସି ରେଷ୍ଟୁରାଣ୍ଟ ଓ ବାର୍

## ବିପୁଳ ମଦ ସମେତ ୨ ଗାଡ଼ି ଜବତ; ୨ ଗିରଫ

**ଖୋର୍ଦ୍ଧା, ୧୧।୨(ସମିସ)**

ଜଙ୍କିଆ ବଜାର ଉପରେ (ମୁଣ୍ଡାଆମ୍ବ ଠାରେ) ଥିବା ଏବିସି ବାର ଆଣ୍ଡ ରେଷ୍ଟୁରାଣ୍ଟକୁ ଲାଇସେନ୍ସ ସର୍ତ୍ତ ଉଲ୍ଲଙ୍ଘନ ଅଭିଯୋଗରେ ସିଲ୍ କରିଛି ଅବକାରୀ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍। ଏଠାରୁ ଅବକାରୀ ସ୍କ୍ୱାର୍ଡ ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ସମେତ ମଦବୋଝେଇ ଏକ ମିନିଟ୍ରକ ଏବଂ ବୋଲେରୋ ପିକଅପ୍‌କୁ ଜବତ କରିଛି। ଏହି ଘଟଣାରେ ଅବକାରୀ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ଜଙ୍କିଆ ଥାନା ଅନ୍ତର୍ଗତ ଦେଉଳୀପାଟଣାର ପୂର୍ଣ୍ଣଚନ୍ଦ୍ର ବେହେରା(୩୯) ଓ ଗୁଣ୍ଠାଣୀ ଗ୍ରାମର ତପନ ପଟ୍ଟନାୟକ (୪୫)। ଗିରଫ ଦ୍ୱୟଙ୍କୁ ଖୋର୍ଦ୍ଧା ଏସଡିଜେଏମଙ୍କ କୋର୍ଟକୁ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, ଏବିସି ବାର ଆଣ୍ଡ ରେଷ୍ଟୁରାଣ୍ଟ ଲାଇସେନ୍ସ ସର୍ତ୍ତ ଉଲ୍ଲଙ୍ଘନ କରି ବେଆଇନଭାବେ ମଦବେପାର କରୁଥିଲେ। ଏନେଇ ଅବକାରୀ ଫ୍ଲାଇଁ ସ୍କ୍ୱାଡ୍ ବିଶେଷସୂତ୍ରରୁ ଖବର ପାଇଥିଲା। ତେଣୁ ତାଙ୍କୁ ଧରିବା ଲାଗି ଅବକାରୀ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ର ବଛା ବଛା ଅଧିକାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଚଢ଼ଉ ଏବିସି ରେଷ୍ଟୁରାଣ୍ଟ ଓ ବାରରେ ଅଚାନକ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ସେଠାରେ ମଦବୋଝଇ ହୋଇ ରହିଥିବା ମିନିଟ୍ରକ ନଂ- ଓଡି-୦୨ବିକେ ୧୧୬୬ରୁ ବିଭିନ୍ନ ବ୍ରାଣ୍ଡର ୧୧୯୨ ବୋତଲ ବିଦେଶୀ ମଦ ଜବତ କରିଥିଲେ। ଯାହା ୩୭୪.୪ ଲିଟର ରହିଥିଲା।

ସେହିପରି ଅନ୍ୟ ଏକ ବୋଲେରୋ ପିକଅପ୍ ନଂ- ଓଆର ୦୨ବିଏଚ୍-୫୮୯୫ରୁ ୨୫୦ ଟି ମାମଲାରେ ଦେଶୀ ମଦର ୨୦୦ ମିଲିଲିଟର ଲେଖାଏଁ ୨୫ ବୋତଲ ଥିବା ବେଳେ ମୋଟ ୬୨୫୦ ବୋତଲ ସହ ୧୨୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଉପରୋକ୍ତ ପରିମାଣର ଦେଶୀ ମଦ ଓ ବିଦେଶୀ ମଦ ମହଜୁଦ ରଖିବା ସମ୍ପର୍କରେ ବାର ଆଣ୍ଡ ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ଉପଯୁକ୍ତ କାଗଜପତ୍ର ଦେଖାଇପାରିନଥିବା ବେଳେ ଏନେଇ କର୍ତ୍ତୃପକ୍ଷ କୌଣସି ସ୍ପଷ୍ଟ କରିପାରିନଥିଲେ। ଏବିସି ରେଷ୍ଟୁରାଣ୍ଟ ଓ ବାର୍‌ର ଲାଇସେନ୍ସପ୍ରାପ୍ତ ମୁନମୁନ୍ ବଳିଆରସିଂହଙ୍କ ବିରୋଧରେ ଏକ ଗୁରୁତର ଅନିୟମିତତା ରିପୋର୍ଟ ଅବକାରୀ ବିଭାଗ ପ୍ରସ୍ତୁତ କରିଥିବା ବେଳେ ଏତେ ପରିମାଣର ବେଆଇନ ଦେଶୀ ଓ ବିଦେଶୀ ମଦ ବାର୍ ପରିସରରେ ରଖିବା ସଂକ୍ରାନ୍ତରେ ତାଙ୍କ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଅଧିକ ତଦନ୍ତ ଲାଗି ଅବକାରୀ ଟିମ୍ ବାରକୁ ସିଲ୍ କରିଛି।ଏହି ଚଢଉରେ ଅବକାରୀ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ଅଧିକ୍ଷକ ସିଦ୍ଧେଶ୍ୱର ବେହେରାଙ୍କ ନେତୃତ୍ୱରେ ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ବେହେରା, ରୋଶନ ହାଁସଦା ଓ ହୀରା ଦଳପତିଙ୍କ ସହାୟତାରେ ଏକ ଟିମ୍ ସାମିଲ ହୋଇଥିଲେ।

ଅନ୍ୟପକ୍ଷରେ ଅବକାରୀ ଆଇନର ସର୍ତ୍ତାବଳୀ ଉଲ୍ଲଙ୍ଘନ କଲେ ଲାଇସେନ୍ସଧାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରକ୍ରିୟା ଜାରି ରହିବ। ଅବକାରୀ ଦୋକାନଗୁଡ଼ିକୁ ଯାଞ୍ଚ କରିବା ସହ ଠିପି ଖୋଲା ଦୋକାନ ପାଇଁ ଲାଇସେନ୍ସଧାରୀମାନେ ଯେପରି ଠିପି ବନ୍ଦ ଲାଇସେନ୍ସଧାରୀଙ୍କ ଭଳି କାରବାର ନ କରିବେ ସେଥିପ୍ରତି ଦୃଷ୍ଟି ଦେବା ସହ ଲାଇସେନ୍ସ ସର୍ତ୍ତ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି।

## ● ଆଇଆଇଟିରେ ୧୦୦-କ୍ୟୁବ୍ ଷ୍ଟାର୍ଟ ଅପ୍ ଇନିସିଏଟିଭ୍ ଉଦ୍‌ଘାଟିତ

# ବିଭିନ୍ନ ଶିଳ୍ପ, ଷ୍ଟାର୍ଟ-ଅପ୍ ଏବଂ ଉଦ୍ୟୋଗୀ ପୁଞ୍ଜିପତିଙ୍କ ସହ ଆଇଆଇଟିର ଚୁକ୍ତିସ୍ୱାକ୍ଷର



**ଜଟଣୀ, ୧୧।୨(ସମିସ):** ଆଇଆଇଟିର ଗବେଷଣା ଓ ଉଦ୍ୟୋଗ ପାର୍କର ୧୦୦-କ୍ୟୁବ୍ ଷ୍ଟାର୍ଟଅପ୍‌କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଆଇଆଇଟିର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ଆର୍ ପି ସିଂହ, ଏନ୍ଏସ୍ଇ ର ପରିଚାଳନା ନିର୍ଦ୍ଦେଶକ ଆଶିଷ କୁମାର ଚୌହାନ, ଫିନ୍‌ଲ୍ୟାଣ୍ଡର ଡେପୁଟି ହେଡମିସନ୍ ଟିଟୋ ଗ୍ରୋନୋଓ, ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଟି.ଭି.ନରେନ୍ଦ୍ରନ, ଜେନେରାଲ ଅଟୋମିକ୍ସ କର୍ପୋରେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ବିବେକ ଲାଲ୍, ନୀତି ଆୟୋଗର ମିସନ୍ ନିର୍ଦ୍ଦେଶକ ଚିନ୍ତନ ବୈଷ୍ଣବ, ଓବେନ୍ ଇଲେକ୍ଟ୍ରିକାଲର ସିଇଓ ମଧୁମିତା ଅଗ୍ରୱାଲ ଯୋଗଦେଇ ଥିଲେ।

ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ପ୍ରାରମ୍ଭିକ ସୂଚନା ଦେବା ସହ ୧୦୦ -କ୍ୟୁବ୍ ଇନିସିଏଟିଭକୁ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଦେଶ ବିଦେଶର ଷ୍ଟାର୍ଟଅପ୍ ସମୂହର ବ୍ୟକ୍ତିବିଶେଷ, ୟୁଏସଏ, ୟୁକେ, ୟୁଏଇ, ଅଷ୍ଟ୍ରେଲିଆ, ଫିନଲ୍ୟାଣ୍ଡ, କେନିଆ, ଓମାନ ସମେତ ବିଭିନ୍ନ ଦେଶର ପ୍ରତିନିଧି, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ଆଇଆଇଟି ପ୍ରାଧ୍ୟାପକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଆଇଆଇଟିରେ ୧୫ଶହ ସିଟ୍ ବିଶିଷ୍ଟ ଅଡିଟୋରିୟମକୁ ଉଦ୍‌ଘାଟନ କରିବା ସହ ୪୫୦ କୋଟି ଟଙ୍କାର ଭିତିଭୂମି ପ୍ରକଳ୍ପର ଶିଳାନ୍ୟାସ ସ୍ଥାପନ କରିଛନ୍ତି। ଏଥିସହ ୧୦୦-କ୍ୟୁବ୍ ଷ୍ଟାର୍ଟଅପ୍ ଲକ୍ଷ୍ୟ ହାସଲ କରିବା ନେଇ ପ୍ରାୟ ୨୦ଟି ଶିଳ୍ପସଂସ୍ଥା, ୩୦ଟି ଷ୍ଟାର୍ଟଅପ୍ ଏବଂ ୩୦ଟି ପୁଞ୍ଜିନିବେଶକାରୀଙ୍କ ସହ ଏମଓୟୁ ହୋଇଛି। ଶେଷରେ ଅନୁସନ୍ଧାନ ଏବଂ ଉଦ୍ୟୋଗ ପାର୍କ, ଆଇଆଇଟିର ସିଇଓ ଶୁଭଙ୍କର ପତି ଧନ୍ୟବାଦ ଦେଇଥିଲେ।

## ମଦପିଇ ଗାଡ଼ି ଚଲାଇବା ପଡ଼ିଲା ମହଙ୍ଗା

# ତିନି ବାଇକ୍ ଜବତ କଲା ପୁଲିସ

ବାଣପୁର, ୧୧।୨(ସମିସ): ବାଲୁଗାଁ ବାଣପୁର ଅଞ୍ଚଳରେ ମଦ୍ୟପ ମାନଙ୍କର ପାଦୁର୍ଭାବ ବଢ଼ି ଚାଲି ଥିବା ବେଳେ ମଦ୍ୟପାନ କରି ସହର ବଜାରରେ ଗାଡି ଚଳାଚଳ ଦ୍ୱାରା ଦୁର୍ଘଟଣା ଘଟୁଛି। ମଦ୍ୟପ ମାନଙ୍କ ଗାଡି ଚାଳନା ଉପରେ ଲଗାମ ଲଗାଇବାକୁ ପୁଲିସ ଗୁରୁତର ସହ ନେଇଛି।



ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କଟରିଆଙ୍କ ନିର୍ଦ୍ଦେଶକ୍ରମେ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ସନ୍ଧ୍ୟା ସମୟରେ ବାଣପୁର କଲେଜ ଛକ ନିକଟରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ସେହି ରାସ୍ତା ଦେଇ ମଦ୍ୟପାନ କରି ବଜାର ଅଞ୍ଚରେ ଦ୍ରୁତ ଗତିରେ ଗାଡ଼ି ଚଲାଇ ଯାଉଥିବା ୩ଜଣ ମଦ୍ୟପ ଗାଡି ଚାଳକଙ୍କୁ ପୁଲିସ ଧରି ଥାନାକୁ ନେଇ ଥିବା ବେଳେ ସେମାନଙ୍କ ବାଇକ୍ ଗୁଡିକକୁ ଜବତ କରିଥିଲେ। ଉକ୍ତ ଚାଳକମାନେ କୋର୍ଟରେ ଜୋରିମାନା ଦାଖଲ କରିବା ପରେ ସେମାନଙ୍କ ଜବତ ବାଇକ୍ ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ଦେବତା ସୂଚନା ଦେଇଛନ୍ତି।

# ଏନିମିଆ ମୁକ୍ତ ଭାରତ ଅଭିଯାନ

**ଖୋର୍ଦ୍ଧା, ୧୧।୨(ସମିସ):** ରାଷ୍ଟ୍ରୀୟ ମହିଳା ଦିବସ ସପ୍ତାହ ଅବସରରେ ଭାରତ ବିକାଶ ପରିଷଦ ଖୋର୍ଦ୍ଧା ବରୁଣେଇ ଶାଖା ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ବାଳ ଓ ମହିଳା ବିକାଶ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଷଦ ସଭାପତି ଡ.ଅଜୟ ମିଶ୍ରଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜିବୀ ଅଜିତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏକ ସୁସ୍ଥ ସମାଜ ଗଠନରେ ମହିଳାଙ୍କ ପ୍ରମୁଖ ଭୂମିକା ରହିଛି। ସଭାପତିତ୍ୱ ଭାଷଣରେ ମିଶ୍ର କହିଲେ ମହିଳାଙ୍କ ମଧ୍ୟରେ ଶକ୍ତି ଓ ସାମର୍ଥ୍ୟ ରହିଛି। ପରିଷଦ ସଚିବ ଅଧ୍ୟାପିକା ପ୍ରବୀଣା ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସର୍ବ ଭାରତୀୟସ୍ତରରେ ପରିଷଦ ଏନିମିଆ ମୁକ୍ତ ଭାରତ ଅଭିଜାନ ଜାରି ରଖିଛି। ଖୋର୍ଦ୍ଧାରେ ଆଜିଠାରୁ ଏହି ଅଭିଯାନ ଶୁଭାରମ୍ଭ ହୋଇଛି। ଏହି ଅବସରରେ ୩୦ରୁ ଉର୍ଦ୍ଧ୍ୱ ମହିଳା ଓ କିଶୋରୀଙ୍କ ରକ୍ତ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରିଷଦର ଅର୍ଥ ସଚିବ ରୋଜାଲିନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ଶୁଶାନ୍ତ ମୋହନ ପଟ୍ଟନାୟକ, ସତ୍ୟ ନାରାୟଣ ବିଶୋଇ, ଦିଲୀପ ପୃଷ୍ଟି, ଅମରଜିତ ସିଂ ପ୍ରମୁଖ ସଂଯୋଜନା କରିଥିଲେ। ପରିଷଦର ସମସ୍ତ ସଦସ୍ୟ, ସଦସ୍ୟା ଓ ଏକାଧିକ ମହିଳା ଉପସ୍ଥିତ ଥିଲେ।

# ଦେଉଳଟାଙ୍ଗି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପଳାସପୁର ବିଜୟୀ

**ଖୋର୍ଦ୍ଧା, ୧୧।୨(ସମିସ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ରବିବାର ମ୍ୟାଚ୍ କୁମାରବସ୍ତ ଓ ପଳାସପୁର ମଧ୍ୟରେ ହୋଇଥିଲା। ପ୍ରଥମେ ପଳାସପୁର ଦଳ ବ୍ୟାଟିଂ କରି ୧୦ ଓଭର ଖେଳି ୪ ୱିକେଟ୍‌ରେ ୧୭୯ ରନ୍ କରିଥିଲା। ଜବାବରେ କୁମାରବସ୍ତ ଦଳ ୧୦ଓଭର ଖେଳି ୭ୱିକେଟ ହରାଇ ୧୧୦ରନ୍ କରିଥିଲା। ଫଳରେ ପଳାସପୁର ଦଳ ୬୯ରେ ବିଜୟୀ ହେଇଥିଲା। ପଳାସପୁର ଦଳର ବସନ୍ତ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ମଦନମୋହନ ସ୍ୱାଇଁ ଓ ଗୋପିନାଥ ମାଝି ପରିଚାଳନା କରିଥିବାବେଳେ ସ୍କୋରର ଜିତେନ୍ଦ୍ର ପ୍ରଧାନ, ଭାଷ୍ୟକାର ଶ୍ରଦ୍ଧାନନ୍ଦ ପ୍ରଧାନ ଥିଲେ। ଅତିଥିଭାବେ ରବୀନ୍ଦ୍ର ମାର୍ଥା, ପ୍ରସନ୍ନ କୁମାର ବାରିକ, ଶ୍ୟାମସୁନ୍ଦର ଜେନା, କାଇପଦର ସେବା ସମବାୟ ସମିତିର ସମ୍ପାଦକଳ ଝଜ ସାମନ୍ତରାୟ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



# ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା



**ଟାଙ୍ଗୀ, ୧୧।୨(ସମିସ):** ଚିଲିକା ବ୍ଲକ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ତରଫରୁ ଜରିପଡ଼ା ପଞ୍ଚାୟତର ପାଣିଦୁଆର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସୁପରଭାଇଜର ସବିତା ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜରିପଡ଼ା ସରପଞ୍ଚ ଦୀପୁନା ସାହୁ, ଡାକ୍ତର ମଧୁସ୍ମିତା ଭୂଇଁଆ, କମ୍ୟୁନିଟ ହେଲ୍‌ଥ ଅଫିସର ପ୍ରିୟଙ୍କା ବାର୍ଲା ସୁପରଭାଇଜର ଦଣ୍ଡପାଣୀ ଘଡେଇ, ପ୍ରଧାନଶିକ୍ଷକ ସନ୍ଧ୍ୟାରାଣୀ ସେନ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଡାକ୍ତର ଭୂଇଁଆ ଉପସ୍ଥିତ ସମସ୍ତ ଅଙ୍ଗନବାଡି କର୍ମୀ, ସହାୟିକା ଓ କିଶୋରୀ ବାଳିକାଙ୍କୁ ସୁସ୍ଥତା ନିର୍ମିତ ପୁଷ୍ଟିକର ଖାଦ୍ୟ ଉପରେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କିଶୋରୀମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ଗୀତ ପ୍ରତିଯୋଗିତା ହେବା ସହିତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଜିତେନ୍ଦ୍ର ମାନସିଂହ ସଂଯୋଜନା କରିଥିଲେ। ପରେ କୃତୀ କିଶୋରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ



**ବେଗୁନିଆ, ୧୧।୨(ସମିସ):** କଣ୍ଟାବାଡସ୍ଥିତ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁ ପୂଜନ ଉତ୍ସବ ଶିଶିର କୁମାର ଆଚାର୍ଯ୍ୟ ଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି।ଏଥିରେ ୧୯୮୩ ମସିହା କାର୍ଯ୍ୟରତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିମ୍ବାଧର ସୁନ୍ଦରାୟ, ଶିକ୍ଷକ ପ୍ରେମାନନ୍ଦ ଘଡେଇ, ମୁରଲୀଧର କର, ଭଗବାନ ପଣ୍ଡା ଓ କାର୍ଯ୍ୟରତ ପ୍ରଧାନଶିକ୍ଷକ ବିଜୟ ମହାପାତ୍ରଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ଦେଇ ପୂଜନ କାର୍ଯ୍ୟ ଆରମ୍ଭ କରିଥିଲେ। ସଭାର ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଦିବଙ୍ଗତ ଶିକ୍ଷକ ଦେବରାଜ ଦାଶ ଓ ଛାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

ପରେ ଶିକ୍ଷକ ନାରାୟଣ ମାନସିଂହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପୁରାତନ ଛାତ୍ରଛାତ୍ରୀଙ୍କ ରବୀନ୍ଦ୍ର ଶୁକ୍ଳ, ରଶ୍ମି ରଞ୍ଜନ ପଣ୍ଡା, ନିରୁପମା ତ୍ରିପାଠୀ, ନିରୁପମା ଛାଟୋଇ, ଲୋକନାଥ ସାହୁ, ପ୍ରମୋଦ ସ୍ୱାଇଁ, ବିପିନ ପଣ୍ଡା, ସୁରମା ଦାଶ, ଅଶୋକ ମହାପାତ୍ର, ରବୀନ୍ଦ୍ର ସେଠି, ସୁଜାତା ମହାପାତ୍ର, ରଘୁନାଥ ପଣ୍ଡା, କରୁଣାକର ସାମନ୍ତରାୟ, ଗୁରୁବାରୀ ପାଣିଗ୍ରାହୀ, ପ୍ରମୋଦ ମହାପାତ୍ର, ସୁଜାତା ମହାପାତ୍ର, ବିପିନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦିପ୍ତିମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ



**ଜଟଣୀ, ୧୧।୨(ସମିସ):** ସ୍ଥାନୀୟ ଟାଉନହଲ (ସ୍ରଷ୍ଟା) ପରିସରରେ ରବିବାର ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ କଲ୍ୟାଣ ଯୋଜନାର ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଅତିଥି ଭାବେ ଶ୍ରମିକ କଲ୍ୟାଣ ବୋର୍ଡ଼ ଅଧ୍ୟକ୍ଷା ଶ୍ରୀମୟି ମିଶ୍ର, ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ପୌର ଉପାଧ୍ୟକ୍ଷା ଆରତୀ ରାଉତ ପ୍ରମୁଖ ଯୋଗଦେଇ ୧୫୧ ହିତାଧିକାରୀଙ୍କୁ ୧ କୋଟି ୧୦ ଲକ୍ଷ ୫୩ ହଜାର ୪୦୦ ଟଙ୍କା ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ଏଥିସହ ନୂତନ ଭାବେ ପଞ୍ଜୀକରଣ କରିଥିବା ଶ୍ରମିକଙ୍କୁ କାର୍ଡ଼ ବଣ୍ଟନ କରିଥିଲେ। ଏହି ସଭାରେ ସହକାରୀ ଶ୍ରମ ଅଧିକାରୀ ଅଜୟ ପ୍ରଧାନ, ରଶ୍ମିତା ପାତ୍ରଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀ ଭାବେ ପ୍ରକାଶ ପରିଡ଼ା ଓ ଦେବଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବାଜପୁର ପଞ୍ଚାୟତ ପ୍ରିମିୟର ଲିଗ୍: ନନ୍ଦପୁର ରୟାଲ୍‌ସ ଚାମ୍ପିଅନ



**ଖୋର୍ଦ୍ଧା, ୧୧।୨(ସମିସ):** ଖୋର୍ଦ୍ଧା ବ୍ଲକ ବାଜପୁର ପଞ୍ଚାୟତର ରାୟରଙ୍ଗ ଖେଳପଡ଼ିଆରେ ବାଜପୁର ଓ ନନ୍ଦପୁର ପଞ୍ଚାୟତର ୮ଟି ଦଳକୁ ନେଇ ଦୀର୍ଘ ଏକ ମାସହେଲା ଚାଲିଥିବା ପଞ୍ଚାୟତ ପ୍ରିମିୟର୍ ଲିଗ୍ କ୍ରିକେଟ୍ ମ୍ୟାଚ୍ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ନନ୍ଦପୁର ରୟାଲ୍‌ସ ଓ ଏକ୍ସଲେଣ୍ଟ୍ ଇଲେଭେନ୍ ଛତ୍ରମା ଦଳ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ନନ୍ଦପୁର ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ଓଭରରେ ୮ଉଇକେଟ୍ ବିନିମୟରେ ୧୧୬ରନ୍ କରିଥିଲେ। ୧୧୭ ରନର ବିଜୟ ଲକ୍ଷ ରଖି ଛତ୍ରମା ଦଳ ମାତ୍ର ୧୭ଓଭରରେ ୫୩ରନ୍ କରି ଅଲଆଉଟ୍ ହୋଇଥିଲେ। ୬୩ ରନରେ ନନ୍ଦପୁର ରୟାଲ୍‌ସ ଏହି ମ୍ୟାଚ୍‌ରେ ଚାମ୍ପିଅନ ହୋଇଥିଲା।ଏହି ଦଳର ଆଶିଷ୍ ଅଭିଷେକ୍ ବେହେରା ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବରେ ବିଜୟ କୁମାର ଚୌଧୁରୀ ଯୋଗ ଦେଇଥିବାବେଳେ ସ୍ଥାନୀୟ ଯୁବ ସମାଜସେବୀ ଶ୍ରୀରଞ୍ଜନ ମଙ୍ଗରାଜ, ଅକ୍ଷୟ କୁମାର ଦାଶ, ନନ୍ଦପୁର ସରପଞ୍ଚ ବିପ୍ଳବ ବଳିୟାରସିଂହ, ସନ୍ତୋଷ କୁମାର ସାହୁ ଓ ନନ୍ଦପୁର ବଣିକ ସଂଘ ସଭାପତି ଚିତ୍ରସେନ ଜଗଦ୍ଦେବ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରିମିରଲିଗ୍ ର ଅଧ୍ୟକ୍ଷ ତଥା ବାଜପୁର ସରପଞ୍ଚ କେଦାରେଶ୍ୱର ପୃଷ୍ଟି ଓ ସମିତିସଭ୍ୟ ଦ୍ୱାରିକାନାଥ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ମ୍ୟାଚ୍‌କୁ ଅମ୍ପାୟାର ଟୁଲୁ ପରିଡ଼ା ଓ ଡ୍ୟାନସିଂ ଅମ୍ପେୟାର ସିଲୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଖେଳାଳିଙ୍କ ମାଲିକାନା ନେଇଥିଲେ ପ୍ରଶାନ୍ତ ମଙ୍ଗରାଜ, ଅରଜିତ୍ ସାମନ୍ତରାୟ, ଦିନେଶ ପଟ୍ଟନାୟକ, ସୁନିଲ ସାମନ୍ତରାୟ, ଆଶିଷ ମଙ୍ଗରାଜ, ଲଳିତ କୁମାର ବ୍ରହ୍ମ ଓ କୁନା ମଙ୍ଗରାଜ। ପ୍ରିମିୟର୍ ଲିଗକୁ ଶୁସାନ୍ତ ଖଟେଇ, ସ୍ମୃତିସୌରଭ ସାହୁ, ରାହୁଲ୍ ମହାରଥି, ସୌମ୍ୟରଞ୍ଜନ ଦାସ, ଭୀମରାଜ୍ ଓ ମନସିଜ ଦାସ ପ୍ରମୁଖ ଶ୍ରମଦାନ କରି ସହଯୋଗ କରିଥିଲେ।

# ସରକାରୀ ରିଫ୍ୟୁଜୀ ହାଇସ୍କୁଲର ପୁରସ୍କାର ବିତରଣୀ ଉତ୍ସବ



**ଟାଙ୍ଗୀ/ଭୁଷୁଣ୍ଡପୁର, ୧୧।୨(ସମିସ):** ବାଲିପାଟପୁର ସରକାରୀ ରିଫ୍ୟୁଜୀ ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ପ୍ରଧାନଶିକ୍ଷକ ମାନସୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ଗାୟକ କୌସ୍ତୁଭ ରବୀନ୍ଦ୍ର କୁମାର ସାମନ୍ତରାୟ ମୁଖ୍ୟବକ୍ତା, ଭୂଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାସମହାପାତ୍ର, ବାଲିପାଟପୁର ସରପଞ୍ଚ ଭାବି ବେହେରା, ଖୋର୍ଦ୍ଧା ଜିଲ୍ଲା ବିଜେଡି ଉପସଭାପତି ବିରଞ୍ଚି ନାରାୟଣ ପ୍ରଧାନ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଜଗଦେବ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ସୁବାସ ଚନ୍ଦ୍ର ଜଗଦେବ, ଆଇନଜୀବୀ ଦିଲ୍ଲୀପ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭବିଷ୍ୟତରେ ଭଲ ମଣିଷ ରୂପେ ନିଜକୁ ଗଢି ତୋଳି ସମାଜର ସେବା କରିବାକୁ ଆଲୋକପାତ କରିଥିଲେ। ଅଭିମନ୍ୟୁ ସାହୁ, ବୈକୁଣ୍ଠ ନାଥ ବେହେରା, କମଳକାନ୍ତ ରାୟ, ପ୍ରଦୀପ କୁମାର ପଟ୍ଟନାୟକ, ନବକିଶୋର ଦାସ, ସ୍ମୃତିରେଖା ମହାନ୍ତି, ସୁରେନ୍ଦ୍ର ରାଉତ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଏହି ଅବସରରେ ଗତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଶ୍ରୀୟଂସୁ ସରୂପ ମହାରଣା, ସଂଗ୍ରାମ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ■ ରାଜ୍ୟସ୍ତରୀୟ କବି ଲେଖକ ଓ କଳାକାର ସମ୍ମିଳନୀ

# ୪ ପୁସ୍ତକ ଉନ୍ମୋଚିତ



**ଖୋର୍ଦ୍ଧା, ୧୧।୨(ସମିସ):** ସ୍ଥାନୀୟ ଗୀତା ଭବନ ପରିସରରେ ପିପିଲି ମଙ୍ଗଳପୁର ଶିଶୁ ଦରବାର ସାହିତ୍ୟ ସଂସଦ ଓ ଗୁରୁ ଶିଷ୍ୟ ପାଠାଗାର ପକ୍ଷରୁ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ କବି, ଲେଖକ ଓ କଳାକାର ସମ୍ମିଳନୀ ଅନୁଷ୍ଠାନର ସଭାପତି ଆକାଶବାଣୀ କଳାକାର କୃଷ୍ଣ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ ବାଙ୍କୀ ଅଞ୍ଚଳର ସାହିତ୍ୟକୁ ପ୍ରତିଭାମାନେ ଯୋଗ ଦେଇଥିବା ବେଳେ ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର ୨୪ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀ ପୁରସ୍କୃତ ହେବା ପାଇଁ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକା ଡ଼.ପ୍ରତିଭା ମହାରଥୀ ଯୋଗଦେଇ ମହିମାମଣ୍ଡିତ ଓଡ଼ିଶାର ସାହିତ୍ୟିକ ପ୍ରତିଭ ଉପରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀ ନିରନ୍ତର ଭଲ ବହି ପଢ଼ିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଐତିହାସିକ ସତ୍ୟବାଦୀ ବଳିଆରସିଂହ ଓଡ଼ିଆ ଭାଷାର ପ୍ରାଚୀନତା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ମାଳତୀପାଟପୁରର ବର୍ଷିଆନ ସାହିତ୍ୟିକ ସଦାଶିବ ମହାପାତ୍ର, ପରିବେଶବିତ୍ ଗୀତିକବି ରାଜ କିଶୋର ପାଣିଗ୍ରାହୀ, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଡ଼. ପ୍ରଜ୍ଞା ପାରମିତା ଜେନା, ସାହିତ୍ୟିକ କବି ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଗୋପାଳ ଚନ୍ଦ୍ର ତ୍ରିପାଠୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସଂସଦ ପକ୍ଷରୁ କବି ରାଜ କିଶୋର ପାଣିଗ୍ରାହୀଙ୍କ ଶିଶୁ ହସିଲେ, କବି ଗୟା ପ୍ରସାଦ ମିଶ୍ରଙ୍କ କାବ୍ୟ ପଞ୍ଚକନ୍ୟା, କବି ଜ୍ଞାନଗୁରୁ ଦିବ୍ୟଲୋଚନ ଭାରିମଲ୍ଲଙ୍କ ଶିଶୁ ରାଇଜ ଏବଂ କବି ଅନିରୁଦ୍ଧ ମହାନ୍ତିଙ୍କ କବିତା କୁସୁମ ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଶିଶୁ ଦରବାର ସାହିତ୍ୟ ସଂସଦ ପକ୍ଷରୁ କବି ଦିବ୍ୟଲୋଚନ ଭାରିମଲ୍ଲ ଓ ପ୍ରଜ୍ଞା ପାରମିତା ଜେନା, ଶରତ ଚନ୍ଦ୍ର ମହାପାତ୍ର, ଅଲିଭା ତ୍ରିପାଠୀ, ପ୍ରଶାନ୍ତ ମହାପାତ୍ର, ଶୁଭମ୍ ପଟ୍ଟନାୟକ ଓ ସ୍ଥିତି ପ୍ରଜ୍ଞା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ୩୦ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅଖିଳେଶ ମହାପାତ୍ର ଅତିଥି ପରିଚୟ ସମ୍ପାଦକ ଡ଼.ଶରତ କୁମାର ଚଉଁରୀ ସମ୍ପାଦକୀୟ ବିବରଣୀ ଓ ଇତିଶ୍ରୀ ସାହୁ ସ୍ୱାଗତ ସଙ୍ଗୀତ ଗାନ ସଂଯୋଜନା ତଥା ଧନ୍ୟବାଦ ଦେଇଥିଲେ। ସଭା ଆରମ୍ଭରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ୭୪ ଜଣ କବିକବୟିତ୍ରୀ କବିତା ପାଠ କରିଥିଲେ।

